# ଟ୍ରେନ୍‌ରୁ ଖସିପଡ଼ି ଯୁବକ ଗୁରୁତର

ରୂପସା, ୨୪।୨ (ସମିସ): ଶନିବାର ଦକ୍ଷିଣ ପୂର୍ବ ରେଳ ରୁପସା ନୂଆଗାଁ ଜଳକା ପୋଲ ନିକଟରେ ଟ୍ରେନରୁ ଖସି ବିହାର ବାଗଲପୁର ଅଞ୍ଚଳର ଜଣେ ଯୁବକ ଟ୍ରେନରୁ ଖସି ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ଶନିବାର ଅପରାହ୍ନ ସମୟରେ ଗୁଣ୍ଟୁର ଜଂସନ୍ ରୁ ହାଓଡ଼ା ଯାଉଥିବା ବିହାର ବାଗଲପୁର ଅଞ୍ଚଳର ବୁଧୁନ୍ ମଣ୍ଡଳଙ୍କ ପୁଅ ଅରୁଣ କୁମାର୍ (୧୮) ଅସାବଧାନତା ବଶତଃ ଚଳନ୍ତା ଟ୍ରେନରୁ ଖସି ପଡ଼ିଥିଲେ। ପରେ ତାଙ୍କ ସହିତ ଥିବା ରୁପେଶ କୁମାର ରୂପସା ରେଳ ସୁରକ୍ଷା ପୁଲିସ କୁ ଖବର ଦେବାରୁ ପୁଲିସ ଅରୁଣ ଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାଯାଇଛି।

# ଟ୍ରକ୍ ଅପହରଣ ଘଟଣାରେ ୪ ଗିରଫ



ସୋର, ୨୪।୨(ସମିସ): ଗତ ୧୪ ତାରିଖ ରାତିରେ ପାଇକାଳି ନିକଟରୁ ଏକ ୧୪ଚକିଆ ଟ୍ରକ ଅପହରଣ କରିଥିବା ଅଭିଯୋଗରେ ଟ୍ରକକୁ ସୋର ପୁଲିସ ଉଦ୍ଧାର କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ସୋର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜେଏଚ ୧୮ ଜି ୨୮୩୨ ନମ୍ବର ବିଶିଷ୍ଟ ଟ୍ରକଟି ଝାଡ଼ଖଣ୍ଡରୁ କୁକୁଡ଼ା ଦାନା ବୋଝେଇ କରି ଆସି ବାରିକପୁର ନିକଟରେ ଥିବା ଆରଏମସିରେ ଖାଲି କରିଥିଲେ। ପରେ ସେଠାରୁ ତାଳଚେର ଅଭିମୁଖେ ଯାଉଥିବା ବେଳେ ସୋର ଥାନା ଜାତୀୟ ରାଜପଥ ପାଇକାଳି ନିକଟରେ ଏହାର ଚାଳକ ଏକ ଟାୟାର ଗ୍ୟାରେଜରେ ଟାୟାର କାମ କରୁଥିଲେ। ଏହି ସମୟରେ ଦୁଇଟି ବାଇକରେ ୫ ଜଣ ଯୁବକ ଆସି ଟ୍ରକର ଚାଳକ ଏବଂ ଖଲାସୀକୁ ମାଡ଼ ମାରି ଦୁଇଟି ବାଇକରେ ଉଭୟଙ୍କୁ ବସାଇ ତଳନଗର ନେଇଯାଇଥିଲେ। ସେଠାରେ ଉଭୟଙ୍କୁ ମାଡ଼ ମାରି ତାଙ୍କ ମୋବାଇଲ ଦୁଇଟି ନେଇଯିବା ପରେ ଟ୍ରକର ଜିପିଏସକୁ କାଟି ନଷ୍ଟ କରି ଉଭୟଙ୍କୁ ନେଇ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀରେ ଛାଡି ଦେଇ ଟ୍ରକଟିକୁ ନେଇ ଧାମରାରେ ରଖିଥିଲେ। ଦୁଇ ଦିନ ପରେ ଟ୍ରକ ଟିକୁ ସେଠାରୁ ନେଇ ଚଣ୍ଡିଖୋଲର ଏକ ଗ୍ୟାରେଜରେ ବିକ୍ରି କରିଥିଲେ। କିନ୍ତୁ ଚାଳକ ଏବଂ ଖଲାସୀ ଉଭୟ ସେଠାରୁ ଆସି ଜଣଙ୍କ ସହାୟତାରେ ମାଲିକଙ୍କୁ ଫୋନ କରି ଖନ୍ତାପଡ଼ା ଥାନାରେ ଅନଲାଇନରେ ଅଭିଯୋଗ କରିଥିଲେ। ପରେ ଟ୍ରକର ଚାଳକ ପ୍ରକାଶଦୀପ ରାମ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୩୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ତଳନଗର ଗ୍ରାମର ଶାନ୍ତନୁ ପଣ୍ଡା, ଜାମୁଝାଡ଼ି ଅଞ୍ଚଳର ଚିତ୍ତରଞ୍ଜନ ପରିଡ଼ା ଏବଂ ତପନ ବେହେରାକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଥିଲା। ତେବେ ଗତକାଲି ରାତିରେ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ସବିରା ପଞ୍ଚାୟତ ସୁନାରୀ ଗ୍ରାମର ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କୁ ଗିରଫ କରିଥିଲେ। ଆଜି ମଧ୍ୟାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ଅପରାହ୍ନରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ଟ୍ରକ ଟିକୁ ଉଦ୍ଧାର କରିଥିବା ବେଳେ ଚାଳକଙ୍କ ମୋବାଇଲ ଟିକୁ ଉଦ୍ଧାର କରିଛି।

## ବିଲେଇପଦା-ନୂଆମୁଣ୍ଡି ରାସ୍ତା ଉନ୍ନତୀକରଣ

# ଗ୍ରାମସଭାକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ

ଯୋଡା, ୨୪।୨ (ସମିସ)



ବିଲେଇପଦା ୫୨୦ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଦେଓଝର ପଞ୍ଚାୟତର ବିଲେଇପଦା ଠାରୁ ଝାଡଖଣ୍ଡର ନୂଆମୁଣ୍ଡି ଭାୟା ମୁର୍ଗା ମହାଦେବ ୧୦.୨ କିମି ପରିମିତ ପଞ୍ଚାୟତ ରାସ୍ତାଟିର ଉନ୍ନତୀକରଣ ଓ ସମ୍ପ୍ରସାରଣ ଜନୀତ ୨ଟି ଯାକ ଗ୍ରାମସଭାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଫଳରେ ଗ୍ରାମସଭା ୨ଟି ବିଫଳ ହୋଇଥିବା ଜଣାପଡ଼ିଛି। ଏହି ପଞ୍ଚାୟତ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗ୍ରାମବାସୀଙ୍କ ସ୍ୱଚ୍ଛନ୍ଦ ଯାତାୟତ ନିମନ୍ତେ ନିର୍ମାଣ ହୋଇଥିବା ବେଳେ ଏଥିରେ ସିଆଳିଯୋଡାର ୧୭ଜଣ ଓ କିତାବେଡାର ୭ଜଣଙ୍କର ଜମି ରହିଥିବା ଜଣାପଡ଼ିଛି। ଅଦ୍ୟାବଧି ସେମାନଙ୍କୁ ସମ୍ପୃକ୍ତ ଜମିର କ୍ଷତିପୂରଣ ବାବଦକୁ ଅର୍ଥ ପୈଠ କରାଯାଇନଥିବା ବେଳେ ପୁନଃର୍ବାର ଏହାର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକୀୟ ଭୁଅର୍ଜନ ପାଇଁ ଡକାଯାଇଥିବା ଗ୍ରାମସଭାକୁ ଗ୍ରାମବାସୀ ବିରୋଧ କରିଥିବା ଦେଖିବାକୁ ମିଳିଛି। ୨୦୨୪ ଫେବୃଆରୀ ୨ତାରିଖ ଚିଠି ସଂଖ୍ୟା ୨୩୨୧ରେ ଜମିହରା ବାସିନ୍ଦାଙ୍କୁ ଏହି ଗ୍ରାମସଭାରେ ଯୋଗଦେବା ପାଇଁ ଡକାଯାଇଥିବା ବେଳେ ଅଧିକାଂଶ ଜମି ହରାଙ୍କୁ ଏହି ନୋଟିସ ମଧ୍ୟ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମବାସୀ ନିଜର ଅସହମତି ପ୍ରକାଶ କରିବା ସହ ସଭାସ୍ଥଳରେ ବ୍ୟାପକ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ଶେଷରେ ଗ୍ରାମସଭା ୨ଟିକୁ ପ୍ରଶାସନ ପକ୍ଷରୁ ବାତିଲ କରିବାକୁ ପଡ଼ିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଏହି ପଞ୍ଚାୟତ ରାସ୍ତାଟିକୁ ଜନସାଧାରଣଙ୍କ ସ୍ୱଚ୍ଛନ୍ଦ ଯାତାୟତ ନିମନ୍ତେ ଏବଂ ବିଶିଷ୍ଟ ପର୍ଯ୍ୟଟନସ୍ଥଳି ମୁର୍ଗା ମହାଦେବକୁ ଯାତ୍ରୀମାନଙ୍କ ଆଗମନ ନିମନ୍ତେ ଗ୍ରାମବାସୀ ନିଜର ପୈତୃକ ସମ୍ପତ୍ତି ସରକାରଙ୍କୁ ଦେଇଥିବା ବେଳେ ଏହି ରାସ୍ତା ଦେଇ ବଡ଼ ବଡ଼ ଖଣି କମ୍ପାନୀମାନେ ସେମାନଙ୍କର ଲୁହାପଥର ପରିବହନ କାର୍ଯ୍ୟରେ ନିୟୋଜିତ କରିଆସୁଛନ୍ତି। ଦୈନିକ ଶହ ଶହ ପରିମାଣରେ ଭାରୀଯାନ ଚଳପ୍ରଚଳ ଯୋଗୁଁ ଧୂଳି ଧୂଆଁରେ ଏହି ଗ୍ରାମବାସୀ ଅତିଷ୍ଟ ହୋଇପଡୁଥିବା ସହିତ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ କ୍ଷୟ ହେଉଛି। ସରକାରଙ୍କ ନିୟମ ମୁତାବକ ପଞ୍ଚାୟତ ରାସ୍ତାରେ ଭାରୀଯାନ ଚଳପ୍ରଚଳ ନିଷିଦ୍ଧ ଥିବା ବେଳେ ଏହି କମ୍ପାନୀମାନେ ମନମୁଖୀ ଭାବେ ଏହି ରାସ୍ତାଟିକୁ ବ୍ୟବହାର କରିଆସୁଛନ୍ତି। ଯେତେବେଳେକି ଏହି କମ୍ପାନୀ ମାନଙ୍କର ପାରିପାର୍ଶ୍ୱିକ ଉନ୍ନୟନ କ୍ଷେତ୍ରରେ ପ୍ରଭାବିତ ଗ୍ରାମଗୁଡ଼ିକରେ କୌଣସି ଆଖିଦୃଷ୍ଟିଆ ବିକାଶ ଦେଖିବାକୁ ମିଳିନଥାଏ। ଅନ୍ୟ ପକ୍ଷରେ କମ୍ପାନୀ ଦୀର୍ଘ ବର୍ଷ ଧରି ଏହି ଖଣି ଗୁଡ଼ିକରୁ କୋଟି କୋଟି ଟଙ୍କା ଲାଭବାନ ହେଉଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କୁ ଅଣଦେଖା କରିଆସୁଛି। ତେଣୁ ଏହି ବିରୋଧ ବଳବତ୍ତର ରହିବ ବୋଲି ଗ୍ରାମବାସୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଗ୍ରାମସଭାରେ ପାଣ୍ଡିଆ ମୁଣ୍ଡା, ଅଗ୍ନିଚରଣ ମହାନ୍ତ, କାଳିଚରଣ ମାଝୀ, ଘାସିରାମ ପଲେଇ, ସୁନିଆ ମୁଣ୍ଡା, ଚକ୍ରଧର ମୁଣ୍ଡା, ବିରେନ ମୁଣ୍ଡା, ମୀନା ଘଣା, ଗୌତମ ବେହେରା ପ୍ରମୁଖ ଯୋଗଦେଇ ପୁନଃର୍ବାର ଜମି ଅଧିଗ୍ରହଣ ନିମନ୍ତେ ଏହାକୁ ଚିହ୍ନଟ କରାଯାଉ ବୋଲି ଦାବି କରିଥିଲେ। ଏହି ଗ୍ରାମସଭାଟିରେ ଦେଓଝର ସରପଞ୍ଚ ଧ୍ରୁବଚରଣ ନାଏକ, ନାଏବ ସରପଞ୍ଚ କାଦମ୍ବିନୀ ନାଏକ, ୨ନଂ ୱାର୍ଡ ମେମ୍ବର ରେବତୀ ନାଏକ, ୪ନଂ ୱାର୍ଡ ମେମ୍ବର ସୁକାନ୍ତୀ ମୁଣ୍ଡା, ବଡବିଲ ତହସିଲଦାର ଡି.ଏସ.ଏସ. ଜୋଶୀ, ପିଡବ୍ଲୁଡି କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ପାତ୍ର, ଭୁଅର୍ଜନ ଅଧିକାରୀ ଶରତ କୁମାର ଗିରି ପ୍ରମୁଖ ଯୋଗଦେଇଥିଲେ।

# ଜରାଜୀର୍ଣ୍ଣ ବଡ଼ପଦନା ମିନି ପାର୍କ

ରାମଚନ୍ଦ୍ରପୁର, ୨୪।୨(ସମିସ): ଗ୍ରାମାଞ୍ଚଳ ଲୋକମାନଙ୍କୁ ସହରୀ ସୁବିଧା ଯୋଗାଇ ଦେବା ପାଇଁ ପ୍ରତି ପଞ୍ଚାୟତରେ ନିର୍ମାଣ ହେଉଛି ମିନି ପାର୍କ। ଏଥିପାଇଁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଅନେକ ସ୍ଥାନରେ ସଠିକ ତଦାରଖ ଏବଂ ରକ୍ଷଣାବେକ୍ଷଣର ଅଭାବ ରୁ ଏହା ଲୋକଙ୍କ ସେବାରେ ଲାଗୁନି। ସେହିପରୀ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ବଡପଦନା ଗ୍ରାମରେ ନିର୍ମାଣ କରାଯାଇଥିବା ପାର୍କ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ସଠିକ ତଦାରଖ ଅଭାବରୁ ଉଦଘାଟନ ନହୋଇ ଦୀର୍ଘଦୀନ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପାର୍କ ଏବେ ରକ୍ଷଣାବେକ୍ଷଣ ଅଭାବରୁ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନେକ ସ୍ଥାନରେ ପାଚେରି ଭାଙ୍ଗି ପଡ଼ିଲାଣି। ପ୍ରାକୃତିକ ପରିବେଶ ଭିତରେ ଖୁବ ସୁନ୍ଦର ଭାବେ ସିମେଣ୍ଟ ଚୌକି ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ପ୍ରକାରର ବସିବା ସ୍ଥାନ ସହ ଅନେକ ଆକର୍ଷଣୀୟ ନିର୍ମାଣ କରାଯାଇଥିଲେ ସୁଦ୍ଧା ତାହା ଏବେ ଭଗ୍ନ ଅବସ୍ଥାକୁ ଚାଲି ଆସିଲାଣି। ସିମେଣ୍ଟ ଚୌକି ସବୁ ଘାସ ଓ ବୁଦୁବୁଦୁକିଆ ଜଙ୍ଗଲ ଭିତରେ ଲୀନ ହେଲାଣି। ତଳେ ପଡ଼ିଥିବା ଫେବର ମଧ୍ୟ ଭାଙ୍ଗିରୁଜି ଗଲାଣି। ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ସୁଦ୍ଧା ପ୍ରଶାସନିକ ତଦାରଖ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ପାର୍କର ପୁନରୁଦ୍ଧାର ସହ ବାକି ପଡ଼ିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।







ସକାଳ
THE SAKALA
ବାଲେଶ୍ୱର
www.sakalaepaper.com

## ଚିକିତ୍ସା ଅଭାବରୁ ଯନ୍ତ୍ରଣାରେ ଜର୍ଜରିତ ଦିବ୍ୟାଙ୍ଗ ପ୍ରଦୀପ



ସୋର, ୨୪।୨(ସମିସ): ଜଣେ ଦିବ୍ୟାଙ୍ଗ ଚିକିତ୍ସା ଅଭାବରୁ ଦିନକୁ ଦିନ ରୋଗର ଯନ୍ତ୍ରଣାରେ ଛଟପଟ ହୋଇ ମରଣ ସହ ସଂଗ୍ରାମ କରିଚାଲିଛନ୍ତି। ଦିବ୍ୟାଙ୍ଗ ଜଣକ ହେଲେ ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଗ୍ରାମର ମହେନ୍ଦ୍ର ବେହେରାଙ୍କ ବଡ଼ ପୁଅ ପ୍ରଦୀପ ବେହେରା(୩୦)। ପ୍ରଦୀପ ପିଲାଟି ଦିନରୁ ଭିନ୍ନକ୍ଷମ ହେଲେ ସୁଦ୍ଧା କଷ୍ଟେମଷ୍ଟେ ଚଳିଆସୁଥିଲେ। କିନ୍ତୁ ଗତ କିଛି ଦିନ ହେଲା ତାଙ୍କର ମୁଣ୍ଡ ଫୁଲିବା ସହିତ ଗୋଡ଼ହାତ ସବୁ ସରୁ ପାଲଟି ଯାଇ ଅସହ୍ୟ ଯନ୍ତ୍ରଣା ପାଉଛନ୍ତି। ଦିନମଜୁରିଆ ବାପା ଯାହା ରୋଜଗାର କରନ୍ତି ସେଥିରେ ଯେନେକେନେ ପରିବାର ପ୍ରତିପୋଷଣ ହୋଇଥାଏ। ଅର୍ଥାଭାବ କାରଣରୁ ସେ ବଡ଼ ଡାକ୍ତରଖାନାକୁ ନେଇ ପୁଅର ଚିକିତ୍ସା କରିବା ସମ୍ଭବ ହୋଇପାରେ ନାହିଁ। ଗତ କିଛିଦିନ ପୂର୍ବରୁ ସରକାରଙ୍କ ତରଫରୁ ପ୍ରଦୀପକୁ ଭିନକ୍ଷମ ଭତ୍ତା ମିଳୁଥିବା ବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ନାହିଁ। ଭଙ୍ଗା ଚାଳିଆ ପଲ୍ଲା ଘରେ ପଡ଼ିରହି ଭାଗ୍ୟକୁ ଆଦରି ଯନ୍ତ୍ରଣାରେ ଛଟପଟ ହେଉଥିବା ପୁଅକୁ ଚିକିତ୍ସା ପାଇଁ ସରକାରୀ ଭାବେ ଆର୍ଥିକ ସାହାଯ୍ୟ ସହିତ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ତାଙ୍କ ବାପା ମହେନ୍ଦ୍ର ନିବେଦନ କରିଛନ୍ତି।

### ଖରାସାହାପୁର ପଞ୍ଚାୟତବାସୀଙ୍କ ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ

## ୫ କୋଟି ୩୮ ଲକ୍ଷ ବ୍ୟୟରେ ନିର୍ମାଣ ହେବ ବିଜୁ ସେତୁ

ବାହାନଗା, ୨୪।୨(ସମିସ) :

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ପରେ ପଞ୍ଚାୟତବାସୀଙ୍କ ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ। ବାହାନଗାରୁ ଭଦ୍ରକ ଜିଲ୍ଲା ବାସୁଦେବପୁରକୁ ଯାତାୟାତ ହେବ ସୁଗମ, ବାଉଁଶଆଡ଼ିଆ ପଞ୍ଚୁବିଶା ନାଳ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିବା ବେଳେ କାର୍ଯ୍ୟର ଶୁଭ ଦେଇଛନ୍ତି ସୋର ବିଧାୟକ ପର୍ଶୁରାମ ଧଡ଼ା। ଏହି ବ୍ଲକ ଖରାସାହାପୁର ପଞ୍ଚାୟତ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ୭୦ ପ୍ରତିଶତ ଲୋକେ ମତ୍ସ୍ୟଜୀବୀ। ଏହି ପଞ୍ଚାୟତର ବାଉଁଶ ଆଡ଼ିଆ ଗ୍ରାମରେ ଦୀର୍ଘବର୍ଷ ଧରି ରାସ୍ତା ସମସ୍ୟା ଲାଗି ରହିଥିବା ବେଳେ କଚ୍ଚା ମାଟି ରାସ୍ତା ପାଲଟିଥିଲା ଯାତାୟାତର ମାଧ୍ୟମ। ବର୍ଷାଦିନେ ଜରୁରୀକାଳୀନ ସେବା ଅପହଞ୍ଚ ହୋଇପଡ଼ିଥିବା ବେଳେ କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ସେବା ପହଁଚି ପାରେନି। ସ୍ଥାନୀୟ ପଞ୍ଚାୟତବାସୀ ଦୀର୍ଘବର୍ଷ ଧରି ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜ ଦୁଃଖ ଦୁର୍ଦ୍ଦଶା ଜଣାଇଥିଲେ। ବିଧାୟକ ଶ୍ରୀ ଧଡ଼ା ଏହି ପଞ୍ଚାୟତବାସୀଙ୍କ ସମସ୍ୟାକୁ ଗୁରୁତର ଭାବେ ନେଇ



ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ରାସ୍ତା ଏବଂ ପୋଲ ପାଇଁ ଦାବି କରିଥିଲେ। ଏହାକୁ ବିଚାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ବାଉଁଶଆଡ଼ିଆ ପଞ୍ଚୁବିଶା ନାଳ ଉପରେ ୫ କୋଟି ୩୮ ଲକ୍ଷ ଟଙ୍କା ରେ ବିଜୁ ସେତୁ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋର ବିଧାୟକ ପର୍ଶୁରାମ ଧଡ଼ା ଏହି ବିଜୁ ସେତୁ ଏବଂ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋର ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଅଣାକର ଜେନା, ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷା ବାସନ୍ତୀ ପତି, ଖରାସାହାପୁର ସରପଞ୍ଚ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେତୁ ଏବଂ ରାସ୍ତା ନିର୍ମାଣ ହେଲେ ଖରାସାହାପୁର ପଞ୍ଚାୟତ ଦେଇ ଭଦ୍ରକ ଜିଲ୍ଲା ବାସୁଦେବପୁରକୁ ଯାତାୟାତ ସୁଗମ ହୋଇପାରିବ। ବିଧାୟକଙ୍କ ପ୍ରଚେଷ୍ଟାରେ ଦୀର୍ଘବର୍ଷର ଦାବିକୁ ସରକାର ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଙ୍କ ସହ ବିଧାୟକ ଶ୍ରୀ ଧଡ଼ାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବା ସହ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି। ସେହିପରି ବାହାନଗା ବ୍ଲକର ଷଠୀ ଠାରେ ଥିବା ପୂର୍ତ୍ତ ବିଭାଗ ରାସ୍ତା ଠାରୁ ସଚିତ୍ରା ରାସ୍ତା ୫ କି.ମି ୨୦୦ ମିଟର ରାସ୍ତା ନିର୍ମାଣ ପାଇଁ ୫ କୋଟି ୭ ଲକ୍ଷ ଟଙ୍କାର ପ୍ରକଳ୍ପ, ପଣ୍ଡାଶୁଣିର ଜଳଖଟୁଆ ଠାରୁ ପାଇକସ୍ତା ଛକ ଭାୟା ବାରିଙ୍ଗିଆ ମଳିକ ସାହିକୁ ସଂଯୋଗ କରୁଥିବା

**ବାହାନଗା - ବାସୁଦେବପୁର ବ୍ଲକ ମଧ୍ୟରେ ଯାତାୟାତ ହେବ ସୁଗମ**

୬ କି.ମି ରାସ୍ତା ନିର୍ମାଣ ପାଇଁ ୫ କୋଟି ୨୯ ଲକ୍ଷ ଟଙ୍କା ସେହିପରି କଲ୍ୟାଣୀ ପଞ୍ଚାୟତର ହାଟୁଆଣି ଠାରୁ ଗିଳିଦା ପର୍ଯ୍ୟନ୍ତ ଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ପ୍ରଶସ୍ତିକରଣ ପାଇଁ ୭ କୋଟି ୬୫ ଲକ୍ଷ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ବେଳେ ବିଧାୟକ ଶ୍ରୀ ଧଡ଼ା କାର୍ଯ୍ୟର ଶୁଭ ଦେଇଛନ୍ତି। ବାହାନଗା ବ୍ଲକରେ ବିଧାୟକଙ୍କ ପ୍ରଚେଷ୍ଟାରେ ଏକ କାଳୀନ ୨୩ କୋଟି ୨୦ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ବିଧାୟକଙ୍କୁ ପ୍ରଶଂଶାର ସୁଅ ଛୁଟିଛି।

## ୧୫ ଭରି ସୁନା ଗହଣା ସହ ଟଙ୍କା ଚୋରି

ଜଳେଶ୍ୱର ବ୍ଲକ, ୨୪।୨(ସମିସ) : ଜଳେଶ୍ୱର ରେଳ ଷ୍ଟେସନ ପୂର୍ବପଟେ ପଥରପୁରାର ମାଲାଗୋଦାମ ଅଞ୍ଚଳରେ ହରେନ୍ଦ୍ର ନାଥ ବେହେରା ପତ୍ନୀ ଓ ପୁତ୍ର ସହ ନିଜଘରେ ରହି ଆସୁଛନ୍ତି। ସ୍ୱାମୀ, ସ୍ତ୍ରୀ ଉଭୟେ ଶିକ୍ଷକ ଥିବାରୁ ଆଜି ଶନିବାର ସକାଳ ସ୍କୁଲ ହେତୁ ସକାଳ ୬ଟାରେ ଘରୁ ବିଦ୍ୟାଳୟକୁ ଚାଲି ଯାଇଥିଲେ। ଏକମାତ୍ର ପୁତ୍ର ଆଦର୍ଶ ବିଦ୍ୟାଳୟକୁ ୯ଟାରେ ବାହାରି ଗଲାବେଳେ ମୁଖ୍ୟ କବାଟ ଓ ପାଚେରୀ ଫାଟକରେ ତାଲା ପକାଇ ଯାଇଥିଲେ। ଉଭୟେ ସ୍ୱାମୀ, ସ୍ତ୍ରୀ ଦିନ ୧ଟାରେ ବିଦ୍ୟାଳୟରୁ ଫେରି ସବୁ ତାଲା ଭଂଗାଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଆଲମାରୀ ଓ ବାକ୍ସ ଭାଂଗି ୧୫ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଓ ନଗଦ ୨୦ହଜାର ଟଙ୍କା ଚୋରୀ ସହିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଦୁର୍ବୃତ୍ତମାନେ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି।

## ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା

ବାଲେଶ୍ୱର, ୨୪।୨(ସମିସ): ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ କୃଷକ ଆନ୍ଦୋଳନକୁ ସମର୍ଥନ କରି ଏକ ମଶାଲ ଶୋଭାଯାତ୍ରା ପୁଲିସ ଲାଇନଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଷ୍ଟେସନ ଛକ ସ୍ଥିତ ଅବଦୁଲ କାଲାମଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚି ସମାପ୍ତ ହୋଇଥିଲା। କୃଷକମାନଙ୍କ ମୁଖ୍ୟ ଦାବି ଶୀତଳ ଭଣ୍ଡାର, ସର୍ବନିମ୍ନ ସହାୟକ ମୂଲ୍ୟ, ଜଳସେଚନର ବ୍ୟବସ୍ଥା, ଇନପୁଟ ସବ୍ସିଡି ଆଦି। ଏହି ମଶାଲ ଶୋଭାଯାତ୍ରାରେ ବିଶେଷ ଭାବେ ଗୋପୀନାଥ ପାଢ଼ୀ, ସୁଧାଂଶୁ ଜେନା, ଜ୍ୟୋତ୍ସ୍ନା ସେନାପତି, ଜୟନ୍ତ ମହାପାତ୍ର, ବିକାଶ ଦାସ, ରଞ୍ଜନ ଦାସ, ଗୌତମ ସାହୁ, ସରୋଜ ଲେଙ୍କା, ଅଜଗର ଅଲ୍ଲୀ, ନବପ୍ରସାଦ ଭୁଇଁୟା, କୁମୁଦୁନି ଦାସ, ବିନିତା ବାରିକ, ବିଦ୍ୟାଧର ମୋହାନ୍ତି, କନେଇ ବେହେରା, ପ୍ରଫୁଲ୍ଲ ରାଉଳ, ଆରତୀ ଜେନା, ତୁଷାର ତପସ୍ୱୀ, ସୁରେଶ ଜେନା, ଜୀବନ ମହାପାତ୍ର, ସୌରବ ବେହେରା, ଶ୍ରୀକାନ୍ତ ବୁଗୁଡ଼େଇ ରାଜୀବ ମହାପାତ୍ର, ପରିତୋଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ମଦମୁକ୍ତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୨୪।୨(ସମିସ) : ନିଶା ହଟାଅ, ଦେଶ ବଞ୍ଚାଅ ଅଭିଯାନକୁ ବ୍ୟାପକ କରିବାପାଇଁ ମିଳିତ ଓଡ଼ିଶା ନିବାରଣ (ମୋନା) ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଜଳେଶ୍ୱର ଦିଗାମ୍ବରୀ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ ସଭାପତିତ୍ୱ କରି ଦେଶରେ ୫ଟି ରାଜ୍ୟରେ ସମ୍ପୂର୍ଣ୍ଣ ମଦବିକ୍ରୀ ସରକାର ନିଶିଦ୍ଧ କରିଥିବା ସମ୍ପର୍କରେ କହିଥିଲେ। ସଂଗଠନର ରାଜ୍ୟ ସମ୍ପାଦକ ସୁଭେନ୍ଦୁ ରାଉତରାୟ, ରାଜ୍ୟ ଉପସଭାପତି ଅର୍ଜୁନ ଚରଣ ସାମନ୍ତରାୟ, ସହ ସମ୍ପାଦକ ମନମୋହନ ମିଶ୍ର, ମୟୂରଭଞ୍ଜ ଜିଲା ସମ୍ପାଦକ ମାଧବୀ ସେନାପତି, ସସ୍ମିତା ପାତ୍ର, ପିତାମ୍ବର ଭୂୟାଁ ପ୍ରମୁଖ ଯୋଗ ଦେଇ ମଦ ସମସ୍ତ ଅପରାଧର ଜନନୀ ବୋଲି କହିଥିଲେ। ମଦ ବିକ୍ର ବନ୍ଦ ହେଲେ ଦେଶରେ ଥାନା ଓ ଡାକ୍ତରଖାନା ସଂଖ୍ୟା ଅଧା ହୋଇଥିବା ସମ୍ପର୍କରେ ଯୁକ୍ତି ଉତ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମତା ମଞ୍ଚର ସଭାପତି ଅଶୋକ ଜେନା, ସମାଜସେବୀ ଦିଲ୍ଲିପ ଗିରି, ଶିତାଂଶୁ ସେନାପତି ପ୍ରମୁଖ ଯୋଗ ଦେଇ ଯୁବ ପିଢ଼ି ଜାଗ୍ରତ ଓ ସଚେତନ ହେଲେ ଦେଶ ନିଶାମୁକ୍ତ ହୋଇ ପାରିବ ବୋଲି କହିଥିଲେ। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆମ୍ବେଦକର ସମତା ମଞ୍ଚ ପକ୍ଷରୁ ଆୟୋଜନ କରାଯାଇଥିଲା।

## ଫୁଲବଣୀ ସରକାରୀ ଉଚ୍ଚମାଧମିକ ବିଦ୍ୟାଳୟ ପୁରସ୍କୃତ

ଚନ୍ଦନେଶ୍ୱର ୨୪।୨(ସମିସ) : ଭୋଗରାଇର ଟୁଙ୍କୁରୀହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ସରକାରୀ ଉଚ୍ଚମାଧମିକ ବିଦ୍ୟାଳୟର ୯ଜଣ ପିଲା, ପ୍ରଧାନ ଶିକ୍ଷକ, ପରିଚାଳନା କମିଟିଙ୍କୁ ଶନିବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ଶିକ୍ଷା ବର୍ଷରେ ୨୦୨୨-୨୩ ଶିକ୍ଷା ବର୍ଷର ଶ୍ରେଷ୍ଠ ପରୀକ୍ଷାଫଳ, ଶିକ୍ଷାଦାନ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଦକ୍ଷତାକୁ ଭିତ୍ତିକରି ଏହି ପୁରସ୍କାର ଦିଆଯାଇଛି। ବାଲେଶ୍ୱର ସ୍ଥିତ ପଦ୍ମାବତୀ ଚିତ୍ତବିନୋଦନ ପାର୍କରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସମେତ ସଦର ବିଧାୟକ, ଜ୍ୟୋତିପ୍ରକାଶ ପାଣିଗ୍ରାହି, ସିମୁଳିଆ ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଚଳିତ ଶିକ୍ଷାବର୍ଷରେ ଫୁଲବଣୀ ହାଇସ୍କୁଲର ଭାଗ୍ୟଶ୍ରୀ ଗିରି ଓ ରାଜଗୋପାଳ ମହାନ୍ତିଙ୍କୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷାର୍ଥୀ ପୁରସ୍କାର, ପବିତ୍ର ଜେନା ଓ ଅନୁରାଧା ଗିରିଙ୍କୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଛାତ୍ର ନେତୃତ୍ୱ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବିଦ୍ୟାଳୟର ଛାତ୍ର ଅକ୍ଷୟ କୁମାର ଭଞ୍ଜ, ବିଜୟ କୁମାର ପାତ୍ର, ଦେବବ୍ରତ ପ୍ରଧାନ, ଛାତ୍ରୀ ଜ୍ୟୋତିପ୍ରଭା ଦେ, ଶ୍ରାବଣୀ ମାହାନାଙ୍କୁ ଭୋଗରାଇ ବ୍ଲକର ଶ୍ରେଷ୍ଠ




ମୁଖ୍ୟମନ୍ତ୍ରୀ ଶିକ୍ଷାର୍ଥୀ ପୁରସ୍କାର ଏବଂ ବ୍ଲକ ସ୍ତରୀୟ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ପ୍ରଧାନ ଶିକ୍ଷକ ପୁରସ୍କାର ଫୁଲବଣୀ ହାଇସ୍କୁଲର ମହେଶ୍ୱର ଗିରି, ବ୍ଲକ ସ୍ତରୀୟ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ପୁରସ୍କାର ଭାବେ ଫୁଲବଣୀ ହାଇସ୍କୁଲର ସଭାପତି ଭବେଶ ଚନ୍ଦ୍ର ଗିରିଙ୍କୁ ପ୍ରଦାନ କରାଯାଇଛି। ଏନେଇ ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ବ୍ଲକ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଟୁଙ୍କୁରୀହାଜିରା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରଞ୍ଜନ ଘରାଇ, ପୂର୍ବତନ ସଭାପତି ଡ. ସନ୍ତୋଷ କୁମାର ପାତ୍ର ଓ ସୁବ୍ରତ ଘରାଇ, ଉତ୍ତର ଭୋଗରାଇ ଓଷ୍ଟା ସଭାପତି ଗୌରୀଶଙ୍କର ତ୍ରିପାଠୀ, ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି, ପୂର୍ବତନ ସଦସ୍ୟ ବିକ୍ରମ କେଶରୀ ଚନ୍ଦ, ସାମ୍ବାଦିକ ଶିଶିର କୁମାର ପ୍ରଧାନ, ଆଲୋକ କୁମାର ସାମଲ ପ୍ରମୁଖଙ୍କ ସମେତ ଭୋଗରାଇ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ, ଶିକ୍ଷାବିତ ଓ ବୁଦ୍ଧିଜୀବି ମହଲରୁ ଶୁଭେଚ୍ଛା ଓ ପ୍ରଶଂସା ଜ୍ଞାପନ କରାଯାଇଛି।

## ଗୋପାଳଗାଁରେ ଅଗିରା ପୁନେଇ ପାଳିତ



ବାଲେଶ୍ୱର, ୨୪।୨(ସମିସ): ଶନିବାର ରାତିରେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଗୋପାଳଗାଁରେ ଅଗିରା ପୁନେଇ ଉତ୍ସବ ପାଳନ ହୋଇଛି। ଅଗ୍ନୀ ଦେବତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ନଡ଼ା ଗଦାରେ ନିଆଁ ଲଗାଇ ଥିଲେ ସ୍ଥାନୀୟ ଲୋକମାନେ। ନିଆଁ ଲଗାଇବା ପୂର୍ବରୁ ବ୍ରାହ୍ମଣ ରୀତିନୀତି ମୁତାବକ ପୂଜାର୍ଚ୍ଚନା କରିବାପରେ ଗଦାହୋଇଥିବା କୁଟାରେ ଅଗ୍ନି ସଂଯୋଗ କରିଥିଲେ। ମହିଳାମାନେ ଅଗିରାରେ ବାଇଗଣ ଓ ଆଳୁ ଆଦି ପକାଇଥିଲେ। କାର୍ଯ୍ୟକ୍ରମରେ ଦେବବ୍ରତ ସ୍ୱାଇଁ, ଅନାଦି ଚରଣ ସାହୁ, ରଞ୍ଜନ କୁମାର ଦାସ, ଜଗନ୍ନାଥ ସାହୁ, ଅଭିଜିତ୍ ଦାଶ, ତପୁ ସେଠୀ, ପ୍ରମୋଦ ଦାଶ, ସସ୍ମିତା ଦାଶ, ସୁଚିତ୍ରା ସାହୁ, କ୍ରିଷ୍ଣା ଜେନା, ସତ୍ୟଜିତ୍ ବେହେରା, ଶୁଭମ ସାହୁ ଉପସ୍ଥିତ ରହିଥିଲେ।

## ବିଜେପି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲେଶ୍ୱର, ୨୪।୨ (ସମିସ): ୨୦୨୪ ସାଧାରଣ ନିର୍ବାଚନ ପରିଚାଳନା କରିବା ପାଇଁ ଆଜି ବାଲେଶ୍ୱର ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ନିର୍ବାଚନୀ କାର୍ଯ୍ୟାଳୟ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ରୟାଲ କୁଇନ୍ ହୋଟେଲ ପରିସରରେ ଏହି ନିର୍ବାଚନୀ କାର୍ଯ୍ୟାଳୟ ପରିଚାଳିତ ହେବ। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଲୋକସଭା ପ୍ରଭାରୀ ଆଶୁତୋଷ ପରିଡ଼ା, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ପୁର୍ବତ୍ତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ଶୋଭନା ମହାନ୍ତି, ସୁଷମା ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, ସସ୍ମିତା ପଣ୍ଡା, ପାର୍ବତୀ ମାଝୀ, ଜୁବଲୀ ମହାନ୍ତି, ତରୁଲତା ମହାନ୍ତି, ମମତା ମହାପାତ୍ର, ରବୀନ୍ଦ୍ର ଜୈନ, ମହୁଆ ପ୍ରଧାନ, ସୁସ୍ମିତା ଚାନ୍ଦ, ଚିତ୍ତରଞ୍ଜନ ପଣ୍ଡା, ଶୁଶାନ୍ତ ବେରା, କ୍ରୀଷ୍ଣା ସାହା, ପ୍ରଶାନ୍ତି ପଣ୍ଡା ଓ ଲୋକସଭା ବିସ୍ତାରକ ସରୋଜ ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ଗିରୀ, ତ୍ରିଭୁବନ ଦାସ, ନାରାୟଣ ମହନ୍ତ, ଲକ୍ଷ୍ମୀକାନ୍ତ ବେହେରା, ବିଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀମଦ ଜବତ, ଦୁଇ ଗିରଫ

ସୋର, ୨୪।୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ପଦନପଡ଼ା ଗ୍ରାମରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ତଳନଗର ପଞ୍ଚାୟତ ପଦନପଡ଼ା ଗ୍ରାମରେ ଚଢ଼ାଉ କରି ପ୍ରିୟବ୍ରତ ବେହେରା ନିକଟରୁ ୪୫ ଲିଟର ଦେଶୀମଦ ଏବଂ ରଞ୍ଜିତ ମାଝୀ ନିକଟରୁ ୫୨ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ଗଣେଷ ସିଂ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ମନ୍ଦାରସାହି ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା ବଣ୍ଟନ

ଚୌକି, ୨୪।୨(ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ମନ୍ଦାରସାହି ପଞ୍ଚାୟତରେ ନୂତନ ଓ ବର୍ଦ୍ଧିତ, ବିଧବା ସ୍ୱାମୀ ପରିତ୍ୟକ୍ତା ଭିନ୍ନକ୍ଷମ ଭତ୍ତା ବଣ୍ଟନ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମମତା ସାହୁ ନୂତନ ଓ ବର୍ଦ୍ଧିତ ଭତ୍ତା ବଣ୍ଟନରେ ସହଯୋଗ କରିଥିଲେ।୧୨୪ ଜଣ ନୂତନ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ନୂତନ ଭତ୍ତା ବଣ୍ଟନନ କରିବାରେ ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, କନିଷ୍ଠଯନ୍ତ୍ରୀ ଜତିରଶ୍ମି ନାୟକ, ସାବେତ୍ରୀ ସୋରେନ, ଖୁଦିରାମ ଟୁଡୁ ଜି ଆର ଏସ ତପନ ଦାସ ଓ ସୁଧାଂଶୁ ସେଖର ଦେ ସହଯୋଗ କରିଥିଲେ।




### ବସ୍ତା ବାଲିଆପାଳରେ ସୁଦୃଢ଼ ହେଉଛି ବିଜେଡି

## ନାଏବ ସରପଞ୍ଚଙ୍କ ସମେତ ୭ ୱାର୍ଡସଭ୍ୟ ବିଜେଡିରେ ଯୋଗଦେଲେ

ଲଙ୍ଗଳେଶ୍ୱର, ୨୪।୨ (ସମିସ) :

ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ଦେବ କୁମାର ଦେଙ୍କ ବିଜେଡି ରେ ଯୋଗଦାନ ପରେ ସେହି ଶ୍ରୀରାମପୁର ପଞ୍ଚାୟତର କଂଗ୍ରେସ ସମର୍ଥିତ ନାଏବ ସରପଞ୍ଚ ରିନତୀ ସାହୁଙ୍କ ସମେତ ୭ଜଣ ୱାର୍ଡ ମେମ୍ବର ନିଜର ସମର୍ଥକ ମାନଙ୍କ ସହିତ କଂଗ୍ରେସ ଦଳ ଛାଡି ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଲଙ୍ଗଳେଶ୍ୱରଠାରେ ଆୟୋଜିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ୪ନଂ ୱାର୍ଡ଼ ସଦସ୍ୟା ଶାନ୍ତିଲତା ଦାସ, ୫ନଂ



ୱାର୍ଡ଼ ସଦସ୍ୟା ଜୟନ୍ତୀ ସିଂ, ୬ନଂ ୱାର୍ଡ଼ ସଦସ୍ୟ ପରମାନନ୍ଦ ଦେ, ୭ନଂ ୱାର୍ଡ଼ ସଦସ୍ୟା ସୁଲୋଚନା ଦଲାଇ, ୮ନଂ ୱାର୍ଡ଼ ସଦସ୍ୟା ସନ୍ଧ୍ୟାରାଣୀ ଦାସ, ୧୨ନଂ ୱାର୍ଡ଼ ସଦସ୍ୟ ଚାନ୍ଦ ବେଶ୍ରା ଏବଂ ୧୩ନଂ ୱାର୍ଡ଼ ସଦସ୍ୟ ସଞ୍ଜୀବ କୁମାର ଦାସ ପ୍ରମୁଖଙ୍କୁ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏବଂ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ପୁଷ୍ପମାଲ୍ୟ ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡ଼ି ଉପସଭାପତି ଦେବ କୁମାର ଦେ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ସାମଲ, ବରିଷ୍ଠ ବିଜେଡ଼ି ନେତା ଝାଡେଶ୍ୱର ବେହେରା, ଭଜକୃଷ୍ଣ ବେହେରା, ଶତ୍ରୁଘ୍ନ ମଲ୍ଲିକ, ଅଶ୍ୱିନୀ ଜେନା, ଜଗନ୍ନାଥ ବେହେରା, ମୃତ୍ୟୁଞ୍ଜୟ ନାୟକ, ସପନ ଦାସ, ନିଶାକର ସେଠୀ, ବେଣୁଧର ଜେନା, ମହେନ୍ଦ୍ର ବାରିକ, କଟି ମାରାଣ୍ଡିଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।



# ୨୫୧୯ ଜଣଙ୍କୁ ମିଳିଲା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ବାଲେଶ୍ୱର, ୨୪।୨(ସମିସ):



ସମାଜ ଗଠନରେ ଶିକ୍ଷା ଏକ ଜରୁରୀ ଅଙ୍ଗ। ଆଉ ଛାତ୍ରଛାତ୍ରୀ ହେଉଛନ୍ତି ସମାଜର ଭବିଷ୍ୟତ। ଶିକ୍ଷା ବ୍ୟବସ୍ଥାକୁ ଅଧିକ ଉନ୍ନତି କରାଯିବା ଛାତ୍ରଛାତ୍ରୀମାନଙ୍କର ଏକ ଉଜ୍ଜଳ ଭବିଷ୍ୟ ଗଠନ କରିବା ଦିଗରେ ସରକାର ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି। ଏପରିକି ୫-ଟି ଅଧିନରେ ସ୍କୁଲ ଗୁଡିକୁ ରୂପାନ୍ତରିତ କରି ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିଛନ୍ତି। ଆଉ ଛାତ୍ରଛାତ୍ରୀମାନଙ୍କୁ ଅଧିକ ପ୍ରତ୍ସୋହନା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା କରିଛନ୍ତି। ଏଣୁ ଏହି କ୍ରମରେ ଏହି ଶିକ୍ଷା ପୁରସ୍କାର ନେଇ ଛାତ୍ରମାନଙ୍କୁ ମିଳିବ ସମ୍ମାନ, ବଢ଼ିବ ଉତ୍ସାହ, ଆଣିବ ଆଗ୍ରହ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଏହି ଆହ୍ୱାନରେ ବାଲେଶ୍ୱରସ୍ଥିତ ପଦ୍ମାବତୀ ପାର୍କଠାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକାଗ୍ରତା, କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସକୁ ପାଥେୟ କରିପାରିଲେ ଜଣେ ନିଶ୍ଚୟ ବଡ଼ ମଣିଷ ହୋଇପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମଧୁମିତା ଦାସ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ଶିକ୍ଷା କମିଟି ତଥା ସରପଞ୍ଚମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ୧୮୨ଜଣଙ୍କୁ ଜିଲ୍ଲାସ୍ତରୀୟ ଛାତ୍ର ପୁରସ୍କାର, ୧୨୭୪ଜଣଙ୍କୁ ବ୍ଲକସ୍ତରୀୟ ଛାତ୍ର ପୁରସ୍କାର, ୯୪୫ ଜଣଙ୍କୁ ଲିଡରସିପ ପୁରସ୍କାର, ୩୫ ଉଚ୍ଚ ମାଧମିକ ବିଦ୍ୟାଳୟ ପୁରସ୍କାର, ୨୯ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ୫ଗ୍ରାମ ପଞ୍ଚାୟତ ପୁରସ୍କାର, ୧୦ପୁରାତନ ଛାତ୍ରଛାତ୍ରୀ ପୁରସ୍କାର, ୧୨ଏସଏମସି କମିଟି, ୮ଉଚ୍ଚ ମାଧମିକ ସ୍ତରୀୟ ପ୍ରଧାନ ଶିକ୍ଷକ ପୁରସ୍କାର ତଥା୧୨ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ଶିକ୍ଷକ ପୁରସ୍କାର ସମେତ ମୋଟ ୨୫୧୯ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିମାନେ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ସଫଳତା କାମନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି, ପବିତ୍ର ମୋହନ ବାରିକ ଓ ଧରଣୀଧର ପାତ୍ର ସମେତ ସମସ୍ତ ବିଇଓ, ଏବିଇଓ, ସିଆରସିସି, ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ପରିବେଷଣ କରିଥିବା ବେଳେ ସେମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟର ୩୦ଟି ଜିଲ୍ଲା ଭିତରୁ ଶିକ୍ଷାକ୍ଷେତ୍ରରେ ଅନବଦ୍ୟ ଅବଦାନ ପାଇଁ ବାଲେଶ୍ୱର ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲା ବିଭାଗରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି।



ଅଗିରା ପୂର୍ଣ୍ଣମୀରେ ବାଣ୍ଡିଆ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

## ଭିଜିଲାନ୍ସ ଲାଞ୍ଚ ଜନିତ ମାମଲା

# ବିଦ୍ୟୁତ୍ ଥାନାର ପୂର୍ବତନ ଆଇଆଇସି ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର, ୨୪।୨(ସମିସ): ବାଲେଶ୍ୱର ବିଚାର ବିଭାଗର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶିଖାରାଣୀ ରଥ ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ କରି ବାଲେଶ୍ୱର ବିଦ୍ୟୁତ୍ ଥାନାର ପୂର୍ବତନ ଆଇଆଇସି ଲୀଳାବତୀ ମହାନ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରାପ୍ତ ତଥ୍ୟ ଅନୁଯାଇ ୨୦୧୫ ମସିହାରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବାହାଦଲପୁର ଗ୍ରାମର ସ୍ୱର୍ଗତ ରତ୍ନାକର ବେଜଙ୍କ ପୁଅ ଶାନ୍ତନୁ କୁମାର ବେଜ ତାଙ୍କ ଘର ଓ ଚାଷ ଜମିକୁ ବିଦ୍ୟୁତ୍ ସଂଯୋଗ କରିଥିଲେ। କିନ୍ତୁ ଧାନ ଅମଳ ସମୟରେ ବେଆଇନ୍ ଭାବେ ହୁକିଂ ଦ୍ୱାରା ବିଦ୍ୟୁତ ଚୋରୀ କରି ଧାନ ଅମଳ କରିଥିବାର ବାଲେଶ୍ୱର ବିଦ୍ୟୁତ୍ ଥାନାରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା। ପରେ ବାଲେଶ୍ୱର ବିଦ୍ୟୁତ୍ ଥାନାର ତତ୍କାଳୀନ ଆଇଆଇସି ଲିଳାବତୀ ମହାନ୍ତ ତାଙ୍କୁ ଫୋନ୍ ମାଧମରେ ଥାନାକୁ ଡକାଇ କେଶ୍‌ଟିକୁ ରଫାଦଫା କରାଇଦେବା ପାଇଁ ଶ୍ରୀ ବେଜ୍‌କୁ ୫ ହଜାର ଟଙ୍କା ଲାଞ୍ଚ ଦେବା ପାଇଁ କହିଥିଲେ। ଶ୍ରୀ ବେଜ୍ ଏତେ ଟଙ୍କା ଲାଞ୍ଚ ଦେବାକୁ ଅମଙ୍ଗ ହେବା ଯୋଗୁଁ ଆଇଆଇସି ଲିଳାବତୀ ମହାନ୍ତି ତାଙ୍କୁ ୨ହଜାର ଟଙ୍କା କମ ଦେବା ପାଇଁ କହିଥିଲେ। ଏ ନେଇ ଶାନ୍ତନୁ ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଆଇଆଇସି ଲିଳାବତୀ ମହାନ୍ତିଙ୍କ ବିରୁଦ୍ଧରେ ଏକ ଲିଖିତ ଏତଲା ଦେଇଥିଲେ। ଏହାବାଦ ଅଭିଯୁକ୍ତ ଆଇଆଇସି ଲିଳାବତୀ ମହାନ୍ତ ଙ୍କୁ ଲାଞ୍ଚ ଗ୍ରହଣ କରିବା ସମୟରେ ଭିଜିଲାନ୍ସ ପୁଲିସ ତାଙ୍କୁ ଗିରଫ କରିଥିଲେ। ତଦନ୍ତ ପରିସମାପ୍ତି ପରେ ସ୍ୱତନ୍ତ୍ର ଅଦାଲତ ଭିଜିଲାନ୍ସ ଙ୍କ ଠାରେ ଭିଜିଲାନ୍ସ ପୁଲିସ ତରଫରୁ ଅଭିଯୁକ୍ତ ଆଇଆଇସି ଲିଳାବତୀ ମହାନ୍ତ ଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଅଦାଲତ ତାହାକୁ ଟି.ଆର. ନଂ ୫/୨୦୧୬ ମୂଳେ ପଞ୍ଜିକୃତ କରି ବିଚାର ଆରମ୍ଭ କରିଥିଲେ। ବିଚାର ସମୟରେ ସରକାରଙ୍କ ତରଫରୁ ୯ ଜଣ ସାକ୍ଷୀ ଓ ୨୬ଟି ଦଲିଲ ଦସ୍ତାବିଜକୁ ବିଚାର ପରିସର ମଧ୍ୟରେ ଗ୍ରହଣ କରାଯାଇଥିଲା। ପରିଶେଷରେ ସମସ୍ତ ସାକ୍ଷ୍ୟ ଓ ଦଲିଲ୍ ଦସ୍ତାବିଜ୍‌ର ବିବରଣୀକୁ ସମୀକ୍ଷା କରି ଅଦାଲତ ପୂର୍ବତନ ଆଇଆଇସି ଲିଳାବତୀ ମହାନ୍ତ ଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୋକଦ୍ଦମାକୁ ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ଅରବିନ୍ଦ ବାରିକ, ଚନ୍ଦନ କୁମାର ସିଂହ, ଜୟନ୍ତୀ ବାରିକ ଓ ଅର୍ଦ୍ଧେନ୍ଦୁ ବାରିକ ପରିଚାଳନା କରିଥିଲେ।

# ନବମ ରାଷ୍ଟ୍ରୀୟ ମାନବିକ ଅଧିକାର ସମ୍ମିଳନୀ

ବାଲେଶ୍ୱର, ୨୪।୨(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଟିଜେନ୍ସ ହ୍ୟୁମାନ୍ ରାଇଟ୍ସ କ୍ଲିନିକ୍ ଏବଂ ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟର, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ନବମ ରାଷ୍ଟ୍ରୀୟ ମାନବିକ ଅଧିକାର ସମ୍ମିଳନୀ ନୂଆଦିଲ୍ଲୀସ୍ଥିତ ଗାନ୍ଧି ପିସ୍ ଫାଉଣ୍ଡେସନର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ସାମାଜିକ ନ୍ୟାୟ ଦିବସ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଖ୍ୟାତ ପରିବେଶବିତ୍ ତଥା ଆମ ରାଷ୍ଟ୍ର ଏବଂ ବିଭିନ୍ନ ରାଷ୍ଟ୍ରରେ ମାନବ ଅଧିକାର ପାଇଁ କାମ କରୁଥିବା ଶିକ୍ଷାବିତ୍ ପ୍ରଫେସର ଡକ୍ଟର ପ୍ରିୟରଞ୍ଜନ ତ୍ରିବେଦୀ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଗୋଆର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ତଥା ବର୍ତ୍ତମାନ ରାଷ୍ଟ୍ରୀୟ ମାନବ ଅଧିକାର ସୁରକ୍ଷା ଆୟୋଗର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବିଶେଷ ମନିଟର ମୁକ୍ତେଶ ଚନ୍ଦର୍ ଓ



ନୂଆଦିଲ୍ଲୀ ସ୍ଥିତ କ୍ଷୁଦ୍ର ଶିଳ୍ପ ଉନ୍ନୟନ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଡକ୍ଟର ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡକ୍ଟର ଡି. କେ. ଗିରି, ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ସମ୍ପାଦକ ଡକ୍ଟର ଓ.ପି.ଯାଦବ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ନିବେଦିତା ଗିରି ଭାଗ ନେଇ ମାନବ ଅଧିକାର ପାଇଁ କାମ କରୁଥିବା ଅନୁଷ୍ଠାନ ଗୁଡ଼ିକ ସଦା ସର୍ବଦା ସତର୍କ ରହି କାର୍ଯ୍ୟ କରିବା ଉଚିତ୍ ବୋଲି ମତ ରଖିଥିଲେ। ନିମନ୍ତ୍ରିତ ଅତିଥିମାନେ ମଧ୍ୟ ଭାରତର ୧୧ତମ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କାଲାମଙ୍କ ବିଷୟରେ ଆଲୋକପାତ କରି ସେ କିପରି ଭାରତକୁ ବିଶ୍ୱର ଏକ ସର୍ବଶକ୍ତିମାନ ରାଷ୍ଟ୍ର ଭାବେ ଗଠନ କରିବା ପାଇଁ କାମ କରିଥିଲେ, ସେ ବିଷୟରେ ନିଜ ନିଜର ଅଭିମତ ରଖିଥିଲେ। ଏହି ସମ୍ମିଳନୀରେ ଡକ୍ଟର ସୌମ୍ୟା ଶର୍ମିଷ୍ଠା ମଲ୍ଲିକଙ୍କ ସମ୍ପାଦନାରେ ପ୍ରକାଶିତ 'ଦି ବ୍ଲେଜିଙ୍ଗ ବିକନ: ଦି ଲାଇଫ୍ ଷ୍ଟୋରି ଅଫ୍ ଡକ୍ଟର ଏ.ପି.ଜେ. ଅବଦୁଲ କାଲାମ' ବହି ସମେତ ପ୍ରଖ୍ୟାତ ଔପନ୍ୟାସିକା ତଥା କଥାଶିଳ୍ପୀ ରଶ୍ମି ରାଉଳଙ୍କ ରଚିତ 'ଇହାଁ ଥା ଏକ ଗାଓଁ' ଏବଂ 'ଯୋଗିନୀର ଆୟଲିପି' ସଂକଳନକୁ ଲୋକାର୍ପଣ କରି ବହି ବିଷୟରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ପ୍ରାକ୍ତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ, ଲେଖିକା ରଶ୍ମି ରାଉଳ, ଡକ୍ଟର କମଳିନୀ ପାଣିଗ୍ରାହୀ, ସମାଜସେବୀ କାଳିଚରଣ ସିଂ, ମେନକା କାରୁଆ ଓ ସୁଲଗ୍ନା ସୁଚରିତା ପରିଚାଳନା କରିଥିଲେ। ସମ୍ମିଳନୀ ଶେଷରେ ସମାଜସେବୀ ଟିଟନ କୁମାର ସାହୁ, ରାଜକୁମାର ମୀନା, ଚଳଚ୍ଚିତ୍ର ପ୍ରଯୋଜକ ଶଚିକାନ୍ତ ମହାନ୍ତି, ଶିକ୍ଷାବିତ୍ ଶରତ କୁମାର ବିଶ୍ୱାଳ, ଭଗବାନ ମିଶ୍ର, ଶିଳ୍ପପତି ହେମନ୍ତ କୁମାର ସାହୁ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଅଙ୍ଗବସ୍ତ୍ର ଏବଂ ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ।

# ମଧୁବାବୁ ପେନ୍‌ସନ୍ ଯୋଜନାର ଭତ୍ତା ବଣ୍ଟନ



ବାଲେଶ୍ୱର, ୨୪।୨(ସମିସ) : ବାଲେଶ୍ୱର ରେମୁଣା ଏନଏସି ପକ୍ଷରୁ ଶନିବାର ପୂର୍ବାହ୍ନରେ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ମଧୁବାବୁ ପେନସନ ଯୋଜନାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ସମ୍ପ୍ରତି ୮ଦିନ ତଳେ ହିତାଧିକାରୀ ମାନଙ୍କ ମାସିକ ଭତ୍ତା ୫ଶହ ଟଙ୍କାରୁ ୧ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଥର ୫୨୫ ଜଣ ହିତାଧିକାରୀଙ୍କୁ ଭତ୍ତା ଦେବାର ଯୋଜନା ରହିଥିବାବେଳେ ଆଜି ଏନଏସିର ୩, ୪, ୯ ଓ ୧୦ ନଂ ୱାର୍ଡର ମୋଟ ୧୫୪ଜଣ ହିତାଧିକାରୀଙ୍କୁ ଏନଏସି ଚେୟାରମ୍ୟାନ ତନୁଜା ଗିରି ଭତ୍ତା ବଣ୍ଟନ କରିଥିଲେ। ୧୧୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୭ ଜଣଙ୍କୁ ବିଧବା ଭତ୍ତା, ୧୦ ଜଣ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଭତ୍ତା, ୧୫ ଜଣ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଇସ ଚେୟାରମ୍ୟାନ ଏହେସାନ ଖାନ୍, ଜିଆରଏସ ମୃତ୍ୟୁଞ୍ଜୟ ଜେନା, ଅଙ୍ଗନବାଡ଼ି ଶିକ୍ଷୟିତ୍ରୀ ସୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏନଏସି ଚେୟାରମ୍ୟାନ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବୟସ୍କ ବ୍ୟକ୍ତିମାନଙ୍କ ପୁଅ ଭଳି କାମ କରୁଛନ୍ତି। ଅସହାୟ ମାନଙ୍କ ଭତ୍ତା ହାର ବୃଦ୍ଧି କରିଥିବା ଯୋଗୁ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଛନ୍ତି।

# ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର, ୨୪।୨ (ସମିସ) : ସହରର ନୂଆସାହି ବାଲିଆ ସ୍ଥିତ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ପକ୍ଷରୁ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲା ଓ ପଶ୍ଚିମବଙ୍ଗର ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରାମେଶ୍ୱର ମନ୍ଦିର ପାଖ ପଡ଼ିଆରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଅବସରପ୍ରାପ୍ତ ପୋଲିସ ଏଏସଆଇ ନିରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳୀମାନଙ୍କୁ ସ୍ୱାଗତ କରିବା ସହ ଶ୍ରୀ ବେହେରା ସେମାନଙ୍କର ସଫଳତା କାମନା କରିଥିଲେ। ସମାଜସେବୀ ଉପେନ୍ଦ୍ର ପାତ୍ର ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ମାନସ ରଞ୍ଜନ ଦାସ ଏଥିରେ ପୌରହିତ୍ୱ କରିବା ସହିତ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ଖେଳାଳିଙ୍କ ସହିତ ପରିଚୟ ପରେ ଅନୁଷ୍ଠାନିକ ଭାବେ ମ୍ୟାଚ ଉଦଘାଟନ ହୋଇଥିଲା। ପଣ୍ଡା ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ସହ ବାଲେଶ୍ୱର ପୁଲିସ, ଖୋର୍ଦ୍ଧା, ଭଦ୍ରକ, ବାରିପଦା, ଚନ୍ଦନେଶ୍ୱର, ବାଲିଆପାଳ ଓ ପଶ୍ଚିମବଙ୍ଗର ଗୋଟିଏ ଟିମ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ବାଲିଆପାଳର ମଧୁପୁରା



ଟିମ ଓ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଫେରୀ ଭାବେ ଧନଞ୍ଜୟ ତ୍ରିପାଠୀ, କମଳାକାନ୍ତ ବେହେରା, ମାନସ ମିଶ୍ର, ରବୀନ୍ଦ୍ର ଖଟୁଆ, ସନ୍ତୋଷ ମଲ୍ଲିକ, ହିମାଦ୍ରୀ ମଣ୍ଡଳ ପ୍ରମୁଖ ମ୍ୟାଚ ଗୁଡିକ ପରିଚାଳନା କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ କ୍ଲବର ଉପସଭାପତି ଜୟନ୍ତ ଅଣ୍ଡିଆ, ସମ୍ପାଦକ ପଲଟୁ ପାତ୍ର, ମନୋଜ ରାଉତ, ଯତୀନ୍ଦ୍ର ଦାସ, ଅଜିତ ପାତ୍ର ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ ଲାଗିଥିଲା। ଶେଷରେ ଚାମ୍ପିଅନ ଓ ରନର୍ସଅପ ଦଳ ସମେତ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜ୍ୟ ଖୋଖୋ ତାଲିମ ଶିବିରରେ ବାଲେଶ୍ୱର ଖେଳାଳିଙ୍କ ଯୋଗଦାନ

ବାଲେଶ୍ୱର, ୨୪।୨(ସମିସ): ୫୬ତମ ଜାତୀୟ ଖୋଖୋ ପ୍ରତିଯୋଗିତା ପାଇଁ ଓଡ଼ିଶା ସିନିୟର ଖୋ ଖୋ ଦଳର ତାଲିମ ଶିବିର ପୁରୀର ଶ୍ରୀଜଗନ୍ନାଥ ଷ୍ଟାଡିୟମଠାରେ ୨୩ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାଲେଶ୍ୱର ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଅଧୀପ ଦାସ ଜଣାଇଛନ୍ତି ଯେ ଏହି ପ୍ରସ୍ତୁତି ଶିବିର ପାଇଁ ଜିଲ୍ଲାର ୬ ଜଣ ପୁରୁଷ ଏବଂ ୭ ଜଣ ମହିଳା ଖୋଖୋ ଖେଳାଳୀ ମନୋନୀତ ହୋଇଛନ୍ତି। ଏହା ଜିଲ୍ଲା ପାଇଁ ଏକ ଗୌରବର ବିଷୟ। ପୁରୁଷ ଖେଳାଳୀମାନେ ହେଲେ ଜଗନ୍ନାଥ ମୁର୍ମୁ, ସୁନୀଲ ପାତ୍ର, ଲିପୁନ ମୁଖୀ, ସିଦ୍ଧେଶ୍ୱର ଟୁଡୁ, ସୁକନାଥ ସିଂ, ଦିପକ ସିଂ ଓ ମହିଳା ଖେଳାଳିମାନେ ହେଲେ ପ୍ରିୟଙ୍କା ସିଂ, ସାବିଲା ଖାତୁନ, ରଞ୍ଜିତା ବାରିକ, ଚମ୍ପା ମାଝୀ, ପ୍ରତୀମା ଦେ, ଆସା ମାରାଣ୍ଡି, ନିଶା ଖାତୁନ। ଖେଳାଳୀମାନେ କ୍ରୀଡା ସଂଘର ଖୋଖୋ ଯୁଗ୍ମ ସମ୍ପାଦକ କାର୍ତିକ ଚନ୍ଦ୍ର ନାୟକ ଓ କୋଚ ମଳୟ ରଞ୍ଜନ ବେହେରାଙ୍କ ସହିତ ଯୋଗାଯୋଗ କରିବାକୁ ଜଣାଇଛନ୍ତି।

## ରାସନ୍‌କାର୍ଡଧାରୀଙ୍କୁ ହଜାରେ ଟଙ୍କା ଲେଖାଏଁ ପ୍ରଦାନ



ବାଲେଶ୍ୱର, ୨୪।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ରାସନ୍ କାର୍ଡଧାରୀମାନଙ୍କୁ ବ୍ୟାଗ୍ ସହିତ ଏକ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରେମୁଣା ନିର୍ବାଚନ ମଣ୍ଡଳୀ ପତ୍ରିପାଳ ପଞ୍ଚାୟତର ବାଲିପାଳ ଗ୍ରାମର ରାସନ୍ କାର୍ଡ ଧାରୀମାଙ୍କୁ ପତ୍ରିପାଳ ସେଣ୍ଟର ବାଲିପାଳରେ ଏକ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଟଙ୍କା ପ୍ରଦାନ ସମୟରେ ରିଟେଲର୍ ଅଶୋକ କୁମାର ସେନାପତି, ଏଡବ୍ଲୁଡବ୍ଲୁ ଲିଜୁନ ପ୍ରଧାନ, ଏଗଜିକ୍ୟୁଟିଭ ଅଫିର ସଞ୍ଜୟ କୁମାର ମହାନ୍ତି ଓ ପତ୍ରିପାଳ ପଞ୍ଚାୟତ ସରପଞ୍ଚ ବିଦ୍ୟାସ୍ମିତା ମହାଲିକ ଉପସ୍ଥିତ ଥିଲେ।

# ସରିଲା 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବାଲେଶ୍ୱର, ୨୪।୨(ସମିସ):

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ୬ ଦିନ ଧରି ଚାଲିଥିବା ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା'ର ୪୬ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଶନିବାର ଦିନ ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମନାଥ ରଥଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଯୋଗଦେଇ କହିଥିଲେ, ମୋର ପ୍ରିୟ ଛାତ୍ର ହେମେନ୍ଦ୍ର। ହେମେନ୍ଦ୍ର ଓ ଅନ୍ୟ ନାଟ୍ୟକାରମାନଙ୍କ ନାଟକ ପ୍ରତି ଯେଉଁ ଅବଦାନ ରହିଛି ଏବଂ ଆମ ମୁହଁରେ ହସ ଫୁଟାଇଛନ୍ତି ତାହାର କଳନା କରି ହେବନି। ସବୁ ନାଟକ ମୁଁ ଦେଖିବାକୁ ଚେଷ୍ଟା କରେ। ହେଲେ ବାର୍ଦ୍ଧକ୍ୟ ହେତୁ ଆଉ ଦେଖି ହେଉନାହିଁ। ଏବେ ଏଠାରେ ଉପସ୍ଥିତ ଥିବା ଏତେ ସଂଖ୍ୟାରେ ଦର୍ଶକଙ୍କୁ ମୁଁ କୃତଜ୍ଞତା ଜଣାଉଛି। ନାଟକ ଓ ନାଟ୍ୟକାର ଦୀର୍ଘାୟୁ ହୁଅନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥି ଗୁରୁପ୍ରସାଦ ମିଶ୍ର, ଅଞ୍ଜଳି ପଣ୍ଡା ମଞ୍ଚାସୀନ ରହି ନାଟକ କଳା, ସଂସ୍କୃତିକୁ ଆଗକୁ ବଢ଼ାଉଛି ଏବଂ ଦୀର୍ଘ ୬ଦିନ ଧରି ଦର୍ଶକଙ୍କୁ ବାନ୍ଧି ରଖିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ନବୀନ ବର୍ଣ୍ଣାଳୀର ମୁଖ୍ୟ ନବୀନ ପରିଡ଼ା, ସ୍ରଷ୍ଟାର ସାଧାରଣ ସମ୍ପାଦକ ହେମେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଶେଷରେ ସୁଲଳିତ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ରଷ୍ଟାର ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଅନ୍ତିମ ସନ୍ଧ୍ୟାର ନବୀନ ବର୍ଣାଳୀ ଥିଏଟର, ଭୁବନେଶ୍ୱର ପକ୍ଷରୁ ନାଟକ 'ତଟ ନିରଞ୍ଜନା' ମଞ୍ଚସ୍ଥ ହୋଇଥିଲା। ଏହାର ନାଟ୍ୟକାର ବିଜୟ ମିଶ୍ର ଏବଂ ନବୀନ କୁମାର ପରିଡ଼ା ନିର୍ଦ୍ଦେଶନା ଦେଇଛନ୍ତି। ଗୌତମ ବୁଦ୍ଧଙ୍କର ପ୍ରଚାରିତ ଧର୍ମ ବୌଦ୍ଧଧର୍ମ ଉପରେ ଆଧାରିତ ଏକ ନାଟକ ଯୁଗାନ୍ତକାରୀ ନାଟକ। 'ତଟ ନିରଞ୍ଜନା' ଏକା ସାଥିରେ ସାମାଜିକ ଓ ଆଧ୍ୟାକିକ ଜୀବନରେ ବୈପ୍ଲବିକ ଆଲୋଡନ ସୃଷ୍ଟି କରି ସାଧାରଣ ଜନଜୀବନରେ ଏକ ଚେତନାର ଜାଗ୍ରୁତି ଆଣିବାର ପ୍ରୟାସ କରିଛି। ଏଠି ମନ ଆଉ ଦେହ ଉଭୟ ସଂଘର୍ଷରତ। ଜୀବନ ଆଉ ଜୀବନର ମୌଳିକ ଆବଶ୍ୟକତା ଉଭୟେ ଦ୍ୱିଧାଗ୍ରସ୍ତ। ପ୍ରତ୍ୟେକ ଯୌବନ ଏଠି ସମ୍ଭାବନାର ରାସ୍ତା ଖୋଜେ। କିନ୍ତୁ ରାସ୍ତା କାହିଁ। କିଏ ଦେବ ତାର ଉତ୍ତର। ସେହି ଉତ୍ତରର ସନ୍ଧାନରେ ଆଜିର ଏହି ନାଟକ ପରିବେଷିତ ହୋଇଥିଲା। ମଞ୍ଚ ସଜ୍ଜା/ରୂପ ସଜ୍ଜା ସନ୍ତୋଷ କୁମାର କାମିଲା, ଆଲୋକ ସଜ୍ଜା ସଞ୍ଜୟ କୁମାର ପ୍ରଧାନ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଶକ୍ତି ପ୍ରସାଦ ମିଶ୍ର ଦେଇଛନ୍ତି। ଏହି ନାଟକରେ ଗୌତମ ଭୂମିକାରେ ନବୀନ କୁମାର ପରିଡ଼ା, ଆନନ୍ଦ ଭୂମିକାରେ ଚିନ୍ମୟ କୁମାର ପଣ୍ଡା, ନୀଳଲୋହିତ ରବୀନ୍ଦ୍ର ସାହୁ, ସାରିପୁତ୍ତ ଶିବପ୍ରସାଦ ମିଶ୍ର, ମନ୍ତ୍ରୀ ଗିରିଜା ପ୍ରସାଦ ପଣ୍ଡା, (କାକା)ରାହୁଳ ସ୍ୱରୂପ ରଞ୍ଜନ ଦାଶ, ଗୋପା ସୁଜାତା ପ୍ରୀୟମ୍ବଦା, ଇଚ୍ଛାମତୀ ପିଙ୍କି ଜେନା, ସୁଜାତା ଶୁଭସ୍ମୀତା ସିଂହ, ଭିକ୍ଷୁ ଭୂମିକାରେ ଅମିତ କୁମାର ସାହୁ, ସତ୍ୟପ୍ରକାଶ ମାଝି ଓ ପ୍ରେମାନନ୍ଦ ଉର୍ଦ୍ଦୁ, ଡି ସ୍ୱର୍ଣ୍ଣ ହ୍ୱାଇଟ ଭୂମିକାରେ ଅଭିନୟ କରିଛନ୍ତି।



**ଅନ୍ତିମ ସନ୍ଧ୍ୟାରେ ନାଟକ 'ତଟ ନିରଞ୍ଜନା'**

## ବସ୍ତାକୁ ମିଳିଲା ଏନ୍ଏସି ମାନ୍ୟତା, ସବୁ ମହଲରେ ସ୍ୱାଗତ

# 'ବସ୍ତା ବିକାଶର ନୂଆ ଫର୍ଦ୍ଦ ଯୋଡ଼ିହେବ'

ବସ୍ତା ବ୍ଲକ, ୨୪।୨ (ସମିସ):

ବାଲେଶ୍ୱର ଜିଲ୍ଲା ବସ୍ତାକୁ ଏନ୍ଏସି ମାନ୍ୟତା ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶନିବାର ରାଜ୍ୟ ସରକାର ଏହାକୁ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଦୀର୍ଘ ବର୍ଷ ଧରି ବସ୍ତାକୁ ଏନ୍ଏସି ଘୋଷଣା ପାଇଁ ଦାବି ହୋଇ ଆସୁଥିଲା। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ବସ୍ତାକୁ ଏନ୍ଏସି ଘୋଷଣା ନିର୍ବାଚନ ଭେଟି ବୋଲି ଚର୍ଚ୍ଚା ହେଉଛି। ଏହି ଘୋଷଣାକୁ ସବୁ ମହଲରେ ସ୍ୱାଗତ କରାଯାଇଛି।



ପ୍ରକାଶ ଯେ, ବସ୍ତା ବ୍ଲକ ୩୧ଟି ପଞ୍ଚାୟତକୁ ନେଇ ଗଠିତ। ସେଥି ମଧ୍ୟରୁ ୧୭ ଟି ପଞ୍ଚାୟତ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥିବା ବେଳେ ୧୪ ଟି ପଞ୍ଚାୟତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଛି। ମାତ୍ର ଏନ୍ଏସିରେ ୪ଟି ପଞ୍ଚାୟତର ୨୨ଟି ରାଜସ୍ୱ ଗ୍ରାମକୁ ତାଲିକାଭୁକ୍ତ କରଯାଇଛି ବୋଲି ବ୍ଲକ କାର୍ଯ୍ୟାଳୟରୁ ସୂଚନା ମିଳିଛି। ୨୦୧୧ ଜନଗଣନା ଅନୁଯାୟୀ ଏହି ସବୁ ରାଜସ୍ୱ ଗ୍ରାମରେ ମୋଟ ୧୪ ହଜାରରୁ ଉର୍ଦ୍ଧ୍ୱ ଲୋକ ଅଛନ୍ତି। ବାହାର୍ଦ୍ଦା, ବ୍ରାହ୍ମଣଦା, ସଦାନନ୍ଦପୁର ଓ ପତ୍ରଝଡ଼ା ପଞ୍ଚାୟତ ଏନ୍ଏସିରେ ସାମିଲ ହୋଇଛି। ସାମିଲ ଗ୍ରାମ ମଧ୍ୟରେ ବାହାର୍ଦ୍ଦା ପଞ୍ଚାୟତ ର ବାହାର୍ଦ୍ଦା ( ୧୧୪୯ ଜଣ ) ଉପର- ତାପଣ୍ଡା ରେ (୬୯୪ ଜଣ), ବ୍ରାହ୍ମଣଦା ପଞ୍ଚାୟତ ର ରଣାମୁଣ୍ଡୁଳି ଗ୍ରାମରେ (୮୭୮ ଜଣ), ମଧୁଭଣ୍ଡା ରେ (୩୮୦ ଜଣ), ଗୋବର୍ଦ୍ଧନ- ପୁର ଗ୍ରାମରେ (୨୧୬ ଜଣ), ସଦାନନ୍ଦପୁର ପଞ୍ଚାୟତର ସଦାନନ୍ଦ- ପୁର ଗ୍ରାମ ରେ (୧୧୨୩ ଜଣ), ବାରମାଢ଼ିଆ ରେ (୧୬୭୫ ଜଣ), ଗୁଣ୍ଡୁରିସାହି ରେ (୪୨୦ ଜଣ), ଦେଉଳପଡ଼ା ରେ (୪୭୩ ଜଣ), ଭଗବାନପୁରରେ (୨୭୭ ଜଣ), ଟିକରପଡ଼ାରେ (୮୭୮ ଜଣ), ମା- ଛିଆ ରେ (୮୬୮ ଜଣ), ବାଉଁଶମୁଖା ରେ (୧୨୭୯ ଜଣ), ଓ ପତ୍ରଝଡା ପଞ୍ଚାୟତର ସୁଲେମାନପୁରରେ (୧୫୫ ଜଣ), ବିଦ୍ୟାଧରପୁର-୨ରେ (୧୯୮ ଜଣ), ବହାଦଲପୁରରେ (୧୩୪ ଜଣ), ଜଲାଲପୁର ରେ (୧୦ ଜଣ), ବିଦ୍ୟାଧରପୁର-୧ ରେ (୧୭୦୫ଜଣ), ବଡ଼ ବଜାର ରେ (୩୯୭ ଜଣ), ହସନ୍ ପୁର ରେ (୨୩୩ ଜଣ), ମହାଦେବ ସରାଇ ରେ (୮୭୬ ଜଣ) ଓ ମୁଣ୍ଡିବାଟି ରେ (୪୪ ଜଣ) ଲୋକେ ବସବାସ କରୁଛନ୍ତି। ଏନ୍ଏସି ଘୋଷଣା ପରେ ଏହି ସବୁ ଅଞ୍ଚଳ ରେ ବିକାଶର ନୂତନ ଫର୍ଦ୍ଦ ଯୋଡ଼ି ହେବ ବୋଲି ଅଞ୍ଚଳ ବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବସ୍ତା ରେ ଅଧିକ ଟ୍ରେନ ରହଣୀ, ବସ୍ତାରେ କଲେଜ ସ୍ଥାପନ, ବସ୍ତା ଭିତରକୁ ବସ୍ ଚଳାଚଳ, ଡାକ୍ତରଖାନାରେ ଉନ୍ନତ ଚିକିତ୍ସା ସେବା, ବ୍ୟବସାୟୀଙ୍କ ପାଇଁ ମାର୍କେଟ କମ୍ପ୍ଲେକ୍ସ, ସୁଲଭ ଶୌଚାଳୟ, ଦୈନନ୍ଦିନ ବଜାରର ଉନ୍ନତି କରଣ, ରାସ୍ତା ଆଲୋକିକରଣ, ଉନ୍ନତ ରାସ୍ତା, ଓଭର ବ୍ରିଜ ଭଳି ସମସ୍ୟାରେ ବସ୍ତା ବାସୀ ଛଟପଟ ହେଉଥିବା ବେଳେ ଏହି ସବୁ ସମସ୍ୟା ସମାଧାନ ହେବ ବୋଲି ନୂତନ ଆଶା ସଞ୍ଚାର କରିଛି। ଶନିବାର ସନ୍ଧ୍ୟାରେ ବସ୍ତା ରେ ବିଜେଡ଼ି କର୍ମୀ ମାନେ ବାଣ ଫୁଟାଇ ଖୁସି ମନାଇ ଥିଲେ।

### ମତାମତ

■ ବସ୍ତାକୁ ଏନ୍ଏସି ଘୋଷଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରୁଛି। ପୂର୍ବରୁ ମୁଁ ବସ୍ତା କୁ ଏନ୍ଏସି କରିବାକୁ ପ୍ରସ୍ତାବ ଆଗତ କରିଥିଲି। ଯାହା ହେଉ ମୋ କାର୍ଯ୍ୟକାଳ ସମୟରେ ଏହା ଘୋଷଣା ହେଲା। ବସ୍ତା ବିକାଶର ଏକ ନୂତନ ଫର୍ଦ୍ଦ ଯୋଡି ହେବ।

ନିତ୍ୟାନନ୍ଦ ସାହୁ, ବିଧାୟକ ବସ୍ତା

■ ବସ୍ତାକୁ ଏନ୍ଏସି ଘୋଷଣା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ତୁରନ୍ତ କାର୍ଯ୍ୟକାରୀ ହେବା ଦରକାର।

ସତ୍ୟନାରାୟଣ ଗୁପ୍ତା, ବସ୍ତା ବ୍ଲକ କଂଗ୍ରେସ ସଭାପତି

■ ନିର୍ବାଚନୀ ଘୋଷଣା ମଧ୍ୟରେ ବସ୍ତା ଏନଏସି ରହି ନ ଯାଉ, ଏହା ତୁରନ୍ତ କାର୍ଯ୍ୟକାରୀ ହେବା ଉଚିତ୍।

ରବୀନ୍ଦ୍ର କୁମାର ଜୈନ, ବିଜେପି ନେତା

■ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। ଦୀର୍ଘ ଦିନର ଦାବି ପୂରଣ ହୋଇଛି। ଲୋକେ ଅଧିକ ସୁବିଧା ସୁଯୋଗ ପାଇବେ। ବିଭିନ୍ନ ସମସ୍ୟା ସମାଧାନର ବାଟ ଫିଟିଲା।

ଶ୍ୟାମ ପ୍ରସାଦ ବେହେରା, ବିଜେପି ନେତା

■ ଏନ୍ଏସି ଘୋଷଣା ମୁଖ୍ୟମନ୍ତ୍ରୀଙ୍କ ବସ୍ତା ପାଇଁ ଏକ ଉପହାର। ଏହା ଦ୍ୱାରା ଅଞ୍ଚଳର ସାମଗ୍ରିକ ବିକାଶ ହୋଇ ପାରିବ।

ସତ୍ୟନାରାୟଣ କର୍ଣାନୀ, ଶିଳ୍ପପତି

■ ବସ୍ତା ବ୍ଲକ ବାସୀ ମୁଖ୍ୟମନ୍ତ୍ରୀଙ୍କ ଠାରେ ଚିରଋଣୀ। ଆମେ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ।

ଲକ୍ଷ୍ମୀଧର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ

■ ଆଜି ବସ୍ତାବାସୀଙ୍କ ପ୍ରତି ଏକ ଐତିହାସିକ ଦିନ। ଆମ ସ୍ୱପ୍ନ ସାକାର କରିଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ସୁଶାସନ ବସ୍ତାରେ ବିକାଶ ଆଣିଦେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ।

ଅନିଲ କୁମାର ମହାନ୍ତି, ବ୍ଲକ ବିଜେଡି ସଭାପତି

■ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ବସ୍ତା ପ୍ରତି ଦୂରଦୃଷ୍ଟି ରଖି ପଦକ୍ଷେପ ନେଇ ଥିବାରୁ ଧନ୍ୟବାଦ ଜଣାଉଛୁ।

ବାସୁଦେବ ପ୍ରଧାନ, ସାଧାରଣ ବୀମା ଓ ଭାରତୀୟ ଜୀବନ ବୀମାର ବରିଷ୍ଠ ଅଭିକର୍ତ୍ତା

■ ବିକାଶର ବାଟ ଫିଟିବ। ବିଗତ ଦିନରେ ଆମେ ଅନେକ କିଛି ହରାଇ ସାରି ଥିବା ବେଳେ ବର୍ତ୍ତମାନର ଘୋଷଣା ରେଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅନେକ ଭିତ୍ତିଭୂମିର ବାଟ ଫିଟିବ।

କମଳ ଲୋଚନ ବାରିକ, ଜେଏମ୍ଏମ ନେତା

## ସିମୁଳିଆକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସିମୁଳିଆବାସୀ



ସିମୁଳିଆ, ୨୪।୨(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବାର ଜଣାଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ଜନସାଧାରଣଙ୍କ ବହୁଦିନ ଧରି ଦାବି ହୋଇ ଆସୁଥିବାବେଳେ ଆଜି ଘୋଷଣା ପରେ ସିମୁଳିଆର ଜନସାଧାରଣ ମେଡିକାଲ ଛକ ନିକଟରେ ବାଣ ଫୁଟାଇ, ପରସ୍ପର ମଧ୍ୟରେ ମିଠା ଖୁଆଇ ଖୁସି ମନାଉଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ସାଂସଦ ପ୍ରତିନିଧି ରଞ୍ଜନ କୁମାର ବେହେରା, ପୂର୍ବତନ ସରପଞ୍ଚ ପ୍ରଦୀପ ରାୟ, ନାରୀନେତ୍ରୀ ମିନାକ୍ଷୀ ନାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଲଙ୍ଗଳେଶ୍ୱର/ବଳରାମପୁର, ୨୪।୨ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ନାବରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁମନ୍ତ କୁମାର ଜେନା ଶୁଭ ଉଦଘାଟନ କରି ସରସ୍ୱତୀ ଶିଶୁ ମନ୍ଦିର ହିଁ ଏକମାତ୍ର ଶିକ୍ଷାନୁଷ୍ଠାନ ଯେଉଁଠି ଭାରତୀୟ ସଂସ୍କୃତି, ପରମ୍ପରା ଓ ବୌଦ୍ଧିକ ଶିକ୍ଷାକୁ ମୂଳମନ୍ତ୍ର କରି ଶିକ୍ଷାଦାନ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡଃ ଘନଶ୍ୟାମ ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ବସନ୍ତ କୁମାର ସେନାପତି, ଶରତ କୁମାର ପ୍ରଧାନ, ଦଶରଥ ରାଉତ ଏବଂ ରବୀନ୍ଦ୍ର କୁମାର ଦତ୍ତ ପ୍ରମୁଖ ଯୋଗ ଦେଇ ଥିଲେ। ଶିଶୁଭାରତୀର ଅଧ୍ୟକ୍ଷା ଅଷ୍ଟମ ଶ୍ରେଣୀରଛାତ୍ରୀ ଜୟଶ୍ରୀପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ପଣ୍ଡା ପରିଚୟ ପ୍ରଦାନ ସାଙ୍ଗକୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଶିବକୁମାର ପିଳା କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲାବେଳେ ବିଦ୍ୟାମନ୍ଦିର ର ଆଚାର୍ଯ୍ୟ ପ୍ରତିନିଧି ସୁରବାଳା ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ। ପରେପରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗାଁକୁ ଚାଲ କାର୍ଯ୍ୟକ୍ରମ

ରାଜଘାଟ, ୨୪।୨ (ସମିସ): ବସ୍ତା ବ୍ଲକ ପାଉଁଶକୁଲି ମଣ୍ଡଳ ଅଧିନସ୍ଥ କରୁଆ ଗ୍ରାମପଞ୍ଚାୟତ ହାତିମରା ଗ୍ରାମରେ ବିଜେପି ପକ୍ଷରୁ 'ଗାଁକୁ ଚାଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତ ପ୍ରମୁଖ ମୃତ୍ୟୁଞ୍ଜୟ ବାରିକଙ୍କ ଆହ୍ୱାନ କ୍ରମେ ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲ୍ଲା କୃଷକ ମୋର୍ଚ୍ଚା ଉପ ସଭାପତି ଧ୍ରୁବ ଚରଣ ନାୟକ, ପାଉଁଶକୁଲି ମଣ୍ଡଳ ସଭାପତି ଭୂପେନ କୁମାର ସାହୁ, ରଘୁନାଥପୁର ପଞ୍ଚାୟତ ପ୍ରମୁଖ ଭାସ୍କର ଚନ୍ଦ୍ର ଘୋଷ, ବୋଥ ସଭାପତି ଧନଞ୍ଜୟ ବାରିକ ପ୍ରମୁଖ ଗାଁ କୁ ଚାଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ତାଡଦା ପଞ୍ଚାୟତ ପ୍ରମୁଖ ପୂର୍ଣ୍ଣ ଚନ୍ଦ୍ର ଦାସ ଅଧିକାରୀ, ରାଜେନ୍ଦ୍ର ପ୍ରଧାନ, ପୂର୍ବତନ ସମିତିସଭ୍ୟ ଅବୟନ୍ତୀ ସେଠି, ଯୁବନେତା ରଜତ ରଞ୍ଜନ ଦାସ, ପ୍ରବୀର ସାହୁ, ଜିଲ୍ଲା ମନକି ବାତ୍ ସହସଂଯୋଜକ ରବୀନ୍ଦ୍ର କୁମାର ପାତ୍ର ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ୬ ବ୍ୟାଟେରି ଚୋର କୋର୍ଟଚାଲାଣ

ଖନ୍ତାପଡ଼ା, ୨୪।୨(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି, ଛିନତାଇ, ଚୋରା ମଦ ବେପାର, ବ୍ରାଉନ ସୁଗାର କାରବାର ଦିନକୁ ଦିନ ବଢୁଥିବା ବେଳେ ଖନ୍ତାପଡ଼ା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଗତ ୧୬ତାରିଖ ଓ ୨୦ ତାରିଖରେ ଖନ୍ତାପଡ଼ା ଥାନାରେ ବ୍ୟାଟେରୀ ଚୋରି ବାବଦରେ ଲିଖିତ ଅଭିଯୋଗ ହୋଇଥିଲା। ଦୁଇଟି କେସକୁ ଆଧାର କରି ଖନ୍ତାପଡ଼ା ଥାନାର ଓଆଇସି ବିରଞ୍ଚି କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ୬ଜଣଙ୍କୁ ଗିରଫ କୋର୍ଟ ଚାଲାଣ କରିବା ସହିତ ଏଲଇଡି ଟିଭି, ଏସି, କମ୍ପ୍ରେସର ଏବଂ ନଗଦ ଏକ ଲକ୍ଷ ଟଙ୍କା ମଧ୍ୟ ଜବତ କରିଛି। ପୂର୍ବରୁ ତାଙ୍କ ନାଁରେ ବାଲେଶ୍ୱର ଟାଉନ, ଖନ୍ତାପଡ଼ା, ବସ୍ତା, ଜଳେଶ୍ୱର, ରୁପ୍ସା, ତାଳସାରି, ସହଦେବଖୁଣ୍ଟା ଥାନା ରେ ମାମଲା ଥିବାର ଜଣା ପଡ଼ିଛି। ଆଜି ଅପରାହ୍ନରେ ଏସ୍ଡିପିଓ ସାମ୍ବାଦିକ ସମିଳନୀ କରି ଗ୍ରୁପ ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ଏ ବାବଦରେ ଥାନା ଅଧିକାରୀ ବିରଞ୍ଚି କୁମାର ସାହୁ ପଚାରିବାରୁ ସେ କହନ୍ତି ଆମେ କୌଣସି ସାମ୍ବାଦିକଙ୍କୁ ଜଣାଇ ନାହୁଁ, କେବଳ ଗ୍ରୁପ ମାଧ୍ୟମରେ ପଠାଇଛୁ।



# ବାଇକ୍‌ରୁ ଖସିପଡ଼ି ଚାଳକ ଗୁରୁତର

ରାଜଘାଟ, ୨୪।୨ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ ଭେଲୁରା ଛକ ନିକଟ ଶେର ପଞ୍ଜାବି ହୋଟେଲ ସାମ୍ନାରେ ବାଇକ ଖସି ପଡ଼ି ଚାଳକ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଉକ୍ତ ବାଇକ ଚାଳକ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଚାଳକ ଜଣକ ରାସ୍ତା ପାର୍ଶ୍ୱରେ ପଡ଼ି ଗୁରୁତର ହୋଇଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତା ରେ ବାଇକ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ସାହାଯ୍ୟ ରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ବେଳେ ଖବର ପାଇ ଅମର୍ଦ୍ଦାରୋଡ଼ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ବାଇକକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

# ଘର ପୋଡ଼ି ପାଉଁଶ, ୩ ଗୋରୁ ଆହତ

ଦହମୁଣ୍ଡା, ୨୪।୨ (ସମିସ) : ଭୋଗରାଇ ବ୍ଲକ ପୁଟିଣା ପଞ୍ଚାୟତ ଉଲାଡ଼ି ଗାଁ ରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଘର ପୋଡ଼ି ପାଉଁଶ ହେବା ସହ, ୩ ଗୋରୁ ଆହତ ହୋଇଥିବା ଜଣାପଡ଼ିଛି। ଏହି ଗ୍ରାମରେ ଗତ କାଲି ରାତିରେ ଯାତ୍ରା ଚାଲିଥିଲା ବେଳେ ଯାତ୍ରା ଦେଖିବାକୁ ସୁଶୀଳ ମହାନ୍ତି ପରିବାର ଯାଇଥିଲେ। ଘରେ କେହି ନ ଥିଲା ବେଳେ ରାତିରେ ବିଦ୍ୟୁତ ସଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନିଆଁ ଲାଗିଯାଇଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ଘର ର ସମସ୍ତ ଆସବାବପତ୍ର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ସହ ୩ଟି ଗୋରୁ ଆହତ ହୋଇଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ସମସ୍ତ ଜିନିଷ ପୋଡ଼ି ଭସ୍ମୀଭୁତ ହୋଇଥିଲା। ଘଟଣା ସ୍ଥଳରେ ଭିଏସ ପହଁଚି ଗୋରୁ ମାନଙ୍କୁ ଚିକିତ୍ସା ଯୋଗାଇ ଦେଇଥିଲା ବେଳେ ରାଜସ୍ୱ ନିରୀକ୍ଷକ ପହଞ୍ଚି ପଡ଼ିଥିବା ଜିନିଷର ଆକଳନ କରୁଛନ୍ତି।

# ଜଳେଶ୍ୱର ପୌର ପରିଷଦସ୍ତରୀୟ କିଶୋରୀ ମେଳା

ଜଳେଶ୍ୱର ବ୍ଲକ, ୨୪।୨ (ସମିସ) : ଜଳେଶ୍ୱର ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜଳେଶ୍ୱର ପୌର ପରିଷଦ ସ୍ତରୀୟ କିଶୋରୀ ମେଳା-୨୦୨୪ ସାନ୍ତିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ସିଡିପିଓ ଚମ୍ପାମଣି ମୁର୍ମୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜଳେଶ୍ୱର ନଗରପାଳ ପ୍ରଦୀପ କୁମାର ପ୍ରଧାନ, କାଉନସିଲର କବିତା ଧଳ, ଏଲଏଚଭି ମଞ୍ଜରୀ ଜେନା ଓ ମହିଳା ପରିଦର୍ଶିକା ବିନତା ମଣି ସିଂ ଉପସ୍ଥିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ନିମନ୍ତେ ଅଦ୍?କା ମାନଙ୍କୁ ନେଇ ସେମାନେ କେମିତି ଜୀବନ କୌଶଳ ଶିକ୍ଷା ଲାଭ କରି ପାରିବେ ଏବଂ ସେମାନଙ୍କ ପୋଷଣର ଅବଗତି ନିମନ୍ତେ ଏହି ମେଳା ଆୟୋଜନ କରା ଯାଇଥିଲା। ଯେ ହେତୁ ପ୍ରତ୍ୟେକ ଝିଅ ଅନନ୍ୟା, ଆଜିର କିଶୋରୀ କାଲି ପାଇଁ ସୁସ୍ଥ ସମାଜ ଗଠନରେ ସହାୟକ ହେବ। ତେଣୁ କିଶୋରୀ ମାନଙ୍କୁ ନେଇ ଏହି ମେଳା ଆୟୋଜନ କରା ଯାଇଛି। କିଶୋରୀ ବାଳିକା ମାନଙ୍କ ସଶକ୍ତି କରଣ ପାଇଁ ଅଦ୍ୱିକା ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପଦକ୍ଷେପ। ଶିକ୍ଷା ଓ ଜୀବନ କୌଶଳ ମାଧ୍ୟମରେ କିଶୋରୀ ବାଳିକା ଙ୍କର ସଶକ୍ତି କରଣ ଏହା ଏକ ନୂତନ ପ୍ରତିବଦ୍ଧତା ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କିଶୋରୀମାନଙ୍କ ଦ୍ୱାରା ପୁଚି, ସ୍କିପିଙ୍ଗ, ମ୍ୟୁଜିକ୍ ଚେୟାର, ଝୋଟି ପ୍ରତିଯୋଗିତା ହେବା ସହ ନୃତ୍ୟ ପରିବେଷଣ କରା ଯାଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍?ର ନଗର ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

# ଜମି ଦଲାଲଙ୍କ କବ୍‌ଜାରେ ୩୧ ଏକର ଠାକୁର ସମ୍ପତ୍ତି

ବାଲେଶ୍ୱର, ୨୪।୨(ସମିସ):

ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଧର୍ମାନୁଷ୍ଠାନ ନାମରେ ଥିବା ଜାଗା ଉପରେ ଜମି ଦଲାଲ ମାନେ ଲୋଲୁପ ଦୃଷ୍ଟି ପକାଉଛନ୍ତି। ନୀଳଗିରିସ୍ଥିତ ବାବା ପଞ୍ଚ ଲିଙ୍ଗେଶ୍ୱରଙ୍କ ନାମରେ ସନ୍ତରାଗଡ଼ିଆ ମୌଜାରେ ଥିବା ଦେଢ଼ ଏକରରୁ ଉର୍ଦ୍ଧ୍ୱ ଜାଗାକୁ ଜନୈକ ଜମି ଦଲାଲ ଜବରଦଖଲ କରି ନେଇଥିଲାବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୂଳେ ଏହି ଠାକୁରଙ୍କ ଜମି ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ସେହିଭଳି ବର୍ତ୍ତମାନ ବାଲେଶ୍ୱର ସଦର ବ୍ଲକ ହିଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ଭିନ୍ନଭିନ୍ନ ମୌଜାରେ ପଶ୍ଚିମବଙ୍ଗ କାନ୍ଠଥ ସ୍ଥିତ ଶ୍ରୀ ରାଧା ଦାମୋଦର ଜୀଉ ଶ୍ରୀ ରାଧାକୃଷ୍ଣ ଜୀଉ ଶ୍ରୀ ଗୌରାଙ୍ଗ ଦେବ ଜୀଉ ଠାକୁର ବିଜେ ମିରଗୋଡା ଟ୍ରଷ୍ଟି ନାମରେ ୩୧ ଏକର ଜାଗା ରହିଛି। ଏହା ମଧ୍ୟରୁ ହିଡିଗାଁ ମୌଜାର ପଟା ପୋଲ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ସାଢ଼େ ଚାରି ଏକରରୁ ଉର୍ଦ୍ଧ୍ୱ ଜାଗାକୁ ଅସାଧୁ ଜମି ଦଲାଲ ମାନେ ଜବର ଦଖଲ କରି ନେଇଛନ୍ତି। ଉକ୍ତ ଗ୍ରାମର ଲୋକମାନେ ପ୍ରତିବାଦ କଲେ, ଜମି ଦଲାଲ ମାନେ ସେମାନଙ୍କୁ ଦେଖାଉଛନ୍ତି ନାଲି ଆଖି। ଅପରପକ୍ଷରେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ଦ୍ରଷ୍ଟା ସାଜି ଥିବାର ଅଭିଯୋଗ ହେଉଛି।



ବାଲେଶ୍ୱର ସଦର ବ୍ଲକ ହିଡିଗାଁ ପଞ୍ଚାୟତର ଭିନ୍ନଭିନ୍ନ ମୌଜାରେ ପଶ୍ଚିମବଙ୍ଗ କାନ୍ଠଥ ମିରଗୋଡା ଟ୍ରଷ୍ଟି ନାମରେ ୩୧ଏକରରୁ ଉର୍ଦ୍ଧ୍ୱ ଜମି ରହିଛି। ଏହି ଠାକୁର ଜମିକୁ ମିରଗୋଡା ଟ୍ରଷ୍ଟିଙ୍କଠାରୁ ଭାଗ ସୂତ୍ରରେ ନେଇ ସ୍ଥାନୀୟ ଲୋକମାନେ ଦୀର୍ଘ ୩୦ ବର୍ଷ ଧରି ଚାଷ କରି ଆସୁଥିଲେ।ତେବେ କେତେଜଣ ଅସାଧୁ ଜମି ଦଲାଲ କୌଶଳକରି ଏହି ୩୧ଏକର ଜମିର ମାର୍ଫତଦାର ଥିବା ପଶ୍ଚିମବଙ୍ଗ କାନ୍ଠଥ ମିରଗୋଡା ଟ୍ରଷ୍ଟିଙ୍କ ଅନୁମତି ନେଇ ସାଢେ ଚାରି ଏକର ଜାଗାକୁ ଜବର ଦଖଲ କରି ରଖିଛନ୍ତି। ସ୍ଥାନୀୟ ଲୋକମାନେ ପ୍ରତିବାଦ କଲେ, ଜମି ଦଲାଲମାନେ ସେମାନଙ୍କୁ ନାଲି ଆଖି ଦେଖାଇ ଭୟଭୀତ କରୁଛନ୍ତି। ସ୍ଥାନୀୟ ମୁଷ୍ଟିମେୟ ଲୋକଙ୍କୁ ହାତବାରିସୀ କରି ଗ୍ରାମର ଅନ୍ୟ ଲୋକ ମାନଙ୍କୁ ଡରାଉଛନ୍ତି ଦଲାଲମାନେ। ଭୟରେ ହିଡିଗାଁ ଅଞ୍ଚଳର ନିରୀହ ସାଧାରଣ ଲୋକମାନେ, ଦଲାଲ ମାନଙ୍କ ଭୟରେ ଏହି ଠାକୁର ଜମି ବାବଦରେ ମୁହଁ ଖୋଲୁ ନାହାନ୍ତି। ବର୍ତ୍ତମାନ ଏହି ସାଢ଼େ ଚାରି ଏକର ଠାକୁର ଜମିକୁ ଜବର ଦଖଲ କରି ରଖିଥିବା ଦଲାଲ ମାନେ ଏକାଧିକ ପ୍ଲଟକରି ବିକ୍ରି କରିବାକୁ ଉଦ୍ୟମ କରୁଥିବା ଜଣାଯାଇଛି। ତେବେ ଗତ କିଛି ଦିନ ତଳେ ସମ୍ପୃକ୍ତ ଜମି ଦଲାଲ ମାନେ ଏହି ଠାକୁର ଜମିର ଗୋଟିଏ ପ୍ଲଟ ବିକ୍ରି କରିବା ଲାଗି ଉଦ୍ୟମ କରିଥିଲେ। ମାତ୍ର ଏଣ୍ଡାମେଣ୍ଟ କମିଶନରଙ୍କ ବିନା ଅନୁମତିରେ ଏହି ଠାକୁର ଜାଗାକୁ ବିକ୍ରି କରାଯାଇ ପାରିବ ନାହିଁ ବୋଲି ବାଲେଶ୍ୱର ସବ ରେଜିଷ୍ଟାରଙ୍କ ତରଫରୁ କୁହାଯିବା ପରେ ଜମି ଦଲାଲ ମାନେ ଏହି ଜାଗାକୁ ବିକ୍ରି କରିପାରି ନଥିବା ଜାଣିବାକୁ ମିଳିଛି। ଏ ବାବଦରେ ସ୍ଥାନୀୟ ଲୋକ ମାନଙ୍କ ପକ୍ଷରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଗୋପନରେ ଅବଗତ କରାଇ ଥିଲେ ବି, ନିରୀକ୍ଷକଙ୍କ ପକ୍ଷରୁ ଏହି ମୂଲ୍ୟବାନ ଠାକୁର ଜମିକୁ ଦଲାଲ ମାନଙ୍କ କବଳରୁ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ଏ ବାବଦରେ ବାଲେଶ୍ୱର ସଦର ତହସିଲଦାର ଆଶିଷ ମହାପାତ୍ରଙ୍କୁ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରିବାରୁ ଏଭଳି କିଛି ଠାକୁର ଜାଗାକୁ ବିକ୍ରି କରାଯାଉ ଥିବାର ଜାଣି ନାହାନ୍ତି ବୋଲି କହିଥିଲେ। ବର୍ତ୍ତମାନ ସେ ଏକ ମିଟିଂରେ ଥିବା ଯୋଗୁ ସୋମବାର ଦିନ ଏ ବାବଦରେ ଆଲୋଚନା କରିବେ ବୋଲି କହିଥିଲେ। ପ୍ରଶାସନ ପକ୍ଷରୁ ଧର୍ମାନୁଷ୍ଠାନ ସମ୍ପତ୍ତି ଗୁଡିକୁ ସୁରକ୍ଷିତ ରଖିବା ଲାଗି ଦୃଢ ପଦକ୍ଷେପ ନେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

**ନିରବ ଦ୍ରଷ୍ଟା ସାଜିଛି ସ୍ଥାନୀୟ ପ୍ରଶାସନ**

# ମହୁଡୁମା ହାଟ ପଡ଼ିଆରେ ମାଘିରଥ ଯାତ୍ରା



ରାଇବଣିଆ, ୨୪।୨(ସମିସ): ପବିତ୍ର ମାଘ ପୂର୍ଣ୍ଣମୀ ଉପଲକ୍ଷେ ଜଳେଶ୍ୱର ବ୍ଲକର ସବୁଠାରୁ ପୁରୁଣା ରଥଯାତ୍ରା ଅନୁଷ୍ଠିତ ହୋଇଆସୁ ଥିବା ଖୁଆଡ ଗ୍ରାମ ପଞ୍ଚାୟତର ମହୁଡୁମା ହାଟ ପଡ଼ିଆ ଠାରେ ଆଜି ପ୍ରଥମ ଥର ପାଇଁ ମାଘ ପୂର୍ଣ୍ଣିମା ଉପଲକ୍ଷେ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥ, ଭ୍ରାତା ବଳରାମ ସାଥିରେ ଭଉଣୀ ସୁଭଦ୍ରା ରଥ ଉପରେ ବିଜେ କରି ବେଗୁନିଆ ସ୍କୁଲ ଛକ ଠାରୁ ମହୁଡୁମା ପୋଷ୍ଟ ଅଫିସ ନିକଟକୁ ଗମନ କରିଥଲେ। ଏହି ରଥଯାତ୍ରାରେ ମୁଖ୍ୟଅତିଥି ରୂପେ ବିଶ୍ୱାସ ସାମାଜିକ ସଂଗଠନର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ପରିଡ଼ା ଆନୁଷ୍ଠାନିକ ଭାବେ ଯୋଗଦେଇ ରଥକୁ ଆଗକୁ ଗଡ଼େଇ ନେଇ ଥିଲେ। ଏହି ରଥଯାତ୍ରା ଆୟୋଜନରେ ଅନନ୍ତ କୁମାର୍ ଦାସ, ରଞ୍ଜିତ ଦାସ, ମନୋରଞ୍ଜନ ପାଲ୍, କମଳଲୋଚନ ଗାନ୍ଧୀ, ରତିକାନ୍ତ ଦାସ୍, କାର୍ତ୍ତିକ ଦାସ୍, ରବୀନ୍ଦ୍ର ଗାନ୍ଧୀ, ରାଜୀବ ଦାସ୍, ବିଭୂତି ସେଠୀ, ନରେନ୍ଦ୍ର ବିନ୍ଧାଣି ସହିତ ଅନ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ଯାତ୍ରା ରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ରଥକୁ ମାଉସୀ ବାଡି ଉପଲକ୍ଷେ ଆଗକୁ ଆଗେଇ ନେଇ ଥିଲେ।

**ଅନୈତିକ ଉପାୟରେ କପିକୁ ସହଯୋଗ ଅଭିଯୋଗ**

# ପରୀକ୍ଷା କେନ୍ଦ୍ର ଫାଟକରେ ତାଲା ପକାଇଲେ ଗ୍ରାମବାସୀ




ବାଲେଶ୍ୱର, ୨୪।୨ (ସମିସ) : ଚଳିତମାସ ୨୦ ତାରିଖରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ମାତୃଭାଷା ଓ ଇଂରାଜୀ ଭାଷା ପରୀକ୍ଷା ଶେଷ ହୋଇଛି। ତେବେ ତିନି ଜଣ ଶିକ୍ଷକ ତାଙ୍କ ସ୍କୁଲର ପରୀକ୍ଷାର୍ଥୀଙ୍କୁ କପି ଯୋଗାଇ ଦେବା ପାଇଁ ପରୀକ୍ଷା କେନ୍ଦ୍ର ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହୁଥିବା ସେହି ସ୍କୁଲର ଜନୈକ ଶିକ୍ଷକ ତଥା ପରୀକ୍ଷା ନିରୀକ୍ଷକଙ୍କୁ ବିଳମ୍ବିତ ରାତିରେ ନିଶାଦ୍ରବ୍ୟ ଯୋଗାଇ ଦେଇ ପ୍ରଭାବିତ କରିଛନ୍ତି। ଏହା ଜାଣିପାରି ସ୍ଥାନୀୟ ଲୋକେ ଘେରଉ କରିଥିଲେ। ଫଳରେ ବେଆଇନ ଭାବେ ପ୍ରବେଶ କରିଥିବା ଶିକ୍ଷକ ମାନେ ସ୍କୁଲ ପଛପଟେ ଥିବା କଣ୍ଟାବାଡ ଭାଙ୍ଗି ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ମାନେ ଶୁକ୍ରବାର ରାତିରୁ ସ୍କୁଲ ଫାଟକରେ ତାଲା ବନ୍ଦ କରି ରଖିଥିଲେ। ଫଳରେ ଶନିବାର ସକାଳେ ସ୍କୁଲକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୀର୍ଘ ୩ ଘଣ୍ଟା ଧରି ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟଙ୍କ ହସ୍ତକ୍ଷେପ ପରେ ଗ୍ରାମବାସୀ ସ୍କୁଲ ଫାଟକରୁ ତାଲା ଖୋଲିଥିଲେ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ପ୍ରତିବର୍ଷ ପରି ଚଳିତ ମାଟ୍ରିକ ପରୀକ୍ଷାରେ ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି। ଏହି ପରୀକ୍ଷା କେନ୍ଦ୍ରରେ ବ୍ଲକର ଦ୍ୱିତୀୟ ସର୍ବାଧିକ ୨୫୨ ଜଣ ପରୀକ୍ଷାର୍ଥୀ ରହିଥିଲା ବେଳେ ବୋର୍ଡ ପକ୍ଷରୁ ଏଠାରେ ଏଆଇ ସର୍ଭେଲାନ୍ସ ସିସିଟିଭି କ୍ୟାମେରା ଖଞ୍ଜା ଯାଇନାହିଁ। ଫଳରେ ଏଠାରେ ପରୀକ୍ଷା ପରିଚାଳନାରେ ନିଯୁକ୍ତ କିଛି ପରୀକ୍ଷା ନିରୀକ୍ଷକଙ୍କ ସହଯୋଗରେ ବ୍ୟାପକ କପି ହେଉଥିବା ଅଭିଯୋଗ ହୋଇଛି। ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜନୈକ ଶିକ୍ଷକ ତଥା ଏହି କେନ୍ଦ୍ରର ପରୀକ୍ଷା ନିରୀକ୍ଷକ ମନୋଜ କୁମାର ସାହୁ ଏହି ସ୍କୁଲ ପରିସରସ୍ଥ ପୁରୁଣା ଛାତ୍ରାବାସରେ ରହନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ସେହି କେନ୍ଦ୍ରରେ ପରୀକ୍ଷାର୍ଥୀ ଥିବା ସ୍କୁଲର ତିନି ଜଣ ଶିକ୍ଷକ ଏକ ବଡ ବ୍ୟାଗରେ କିଛି ନିଶା ଦ୍ରବ୍ୟ ଓ ଅନ୍ୟାନ୍ୟ କିଛି ସାମଗ୍ରୀ ଭର୍ତ୍ତି କରି ଫାଟକ ପାଖରେ ଥିବା ଜଗୁଆଳୀ ପ୍ରଦୀପ ରାଉଳଙ୍କ ସହଯୋଗରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବା ସହିତ ପୁରୁଣା ଛାତ୍ରାବାସରେ ରହୁଥିବା ଶିକ୍ଷକ ଶ୍ରୀ ସାହୁଙ୍କ ପାଖକୁ ଯାଇଥିଲେ। ଏହା ଦେଖି ସ୍ଥାନୀୟ ୱାର୍ଡସଭ୍ୟ ସପନ କୁମାର ଦାସ ଫାଟକ ପାଖରେ ଥିବା ଜଗୁଆଳି ଶ୍ରୀ ରାଉଳଙ୍କୁ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହିତ ଭିତରକୁ ଯିବା ପାଇଁ ଦେଇ ନ ଥିଲେ। ଫଳରେ ଶ୍ରୀ ଦାସ ସ୍ଥାନୀୟ ଯୁବକ ମାନଙ୍କୁ ଡାକି ଫାଟକରେ ଅନ୍ୟ ଏକ ତାଲା ବନ୍ଦ କରିବା ସହିତ କିଛି ଯୁବକଙ୍କୁ ସେଠାରେ ରଖି ଅନ୍ୟ କିଛି ଯୁବକଙ୍କୁ ସାଥିରେ ନେଇ ସେ ସ୍କୁଲର ପଛ ପାର୍ଶ୍ୱକୁ ଯାଇଥିଲେ। ସେହି ସମୟରେ ସ୍କୁଲ ପରିସରରେ ପ୍ରବେଶ କରିଥିବା ସମ୍ପୃକ୍ତ ଶିକ୍ଷକ ମାନଙ୍କୁ ଶ୍ରୀ ସାହୁ ଭଙ୍ଗା କଣ୍ଟା ବାଡ ଦେଇ ବାହାରକୁ ବାହାର କରି ଦେଇଥିଲେ। ସ୍ଥାନୀୟ ଯୁବକ ମାନେ ନିଜ ମୋବାଇଲରେ ଏହି ଘଟଣାର ଭିଡିଓ ଉତ୍ତୋଳନ କରିଥିଲେ। ସେହି ସ୍କୁଲର ଶିକ୍ଷକ ଶ୍ରୀ ସାହୁ ଅନୈତିକ ଉପାୟରେ ନିଶା ଦ୍ରବ୍ୟ ଓ ଅର୍ଥ ନେଇ ପରୀକ୍ଷାର୍ଥୀ ମାନଙ୍କୁ କପି ଯୋଗାଉଥିବା ଅଭିଯୋଗ ଆଣିବା ସହିତ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ବନ୍ଦ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସକାଳ ୭ଟାରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପହଞ୍ଚିଥିଲେ ମଧ୍ୟ ଫାଟକ ବନ୍ଦ ଥିବାରୁ ସେମାନେ ରାସ୍ତାରେ ଛିଡ଼ା ହୋଇ ରହିଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ଚୈତନ୍ୟ ବେହେରା, ପଞ୍ଚାୟତ ସମିତି ସଦସ୍ୟ ଗୌତମ କୁମାର ଗିରି, ପ୍ରଧାନ ଶିକ୍ଷକ ଦେବାଶିଷ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ ଶିକ୍ଷକ ଶ୍ରୀ ସାହୁ ସବୁଦିନ ପାଇଁ ସ୍କୁଲ ପରିସରସ୍ଥ ପୁରୁଣା ଛାତ୍ରାବାସ ଛାଡ଼ିବା, ତାଙ୍କୁ ପରୀକ୍ଷା ନିରୀକ୍ଷକ ଡ୍ୟୁଟିରୁ ଅନ୍ତର କରିବା ଏବଂ ଜଗୁଆଳି ଶ୍ରୀ ରାଉଳଙ୍କୁ ତୁରନ୍ତ ପ୍ରତ୍ୟାହାର କରାଯିବ ବୋଲି ପ୍ରଧାନ ଶିକ୍ଷକଙ୍କ ସମେତ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ ପ୍ରତିଶ୍ରୁତି ଦେବା ପରେ ସ୍କୁଲ ଫାଟକରୁ ତାଲା ଖୋଲିଥିଲା।

## କୋଟସାହିରେ ନୂତନ ଓ ବର୍ଦ୍ଧିତ ଭତ୍ତା ବଣ୍ଟନ



ଜଳେଶ୍ୱର ବ୍ଲକ, ୨୪।୨ (ସମିସ) : ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନାରେ ମାସିକ ୫୦୦ ଟଙ୍କା ଭତ୍ତା ବୃଦ୍ଧି କରିଛନ୍ତି। ସେହିପରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ସରକାର ଅତିରିକ୍ତ ପ୍ରୋତ୍ସାହନ ରାଶିକୁ ୫୦୦/- ଟଙ୍କା ବୃଦ୍ଧି ହୋଇଛି। ଏହି ଅବସରରେ ପୂର୍ବତନ ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜ ମୋହନ ପ୍ରଧାନ କୋଟସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମସ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଓ ନୂତନ ଭତ୍ତା ବଣ୍ଟନର ଶୋଭାରମ୍ଭ କରି ସରକାରଙ୍କ ଏହି ଯୋଜନା ହିତାଧିକାରୀଙ୍କ ସହାୟକ ହେବ ବୋଲି ସୂଚନା ଦେଇଥିଲେ। ରାଜ୍ୟର ସର୍ବନିମ୍ନ ସାମାଜିକ ସୁରକ୍ଷା ଭତ୍ତା ୧୦୦୦/- ଟଙ୍କାକୁ ବୃଦ୍ଧି ପାଇଛି ଏବଂ ଫେବୃଆରୀ ୨୦୨୪ ଠାରୁ ଏହି ବର୍ଦ୍ଧିତ ଭତ୍ତା ରାଶି ପାଇବେ। ନବୀନ ଓଡ଼ିଶା ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ସାମାଜିକ ସୁରକ୍ଷା ଭତ୍ତା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ଓ ପେନସନ ରାଶି ବୃଦ୍ଧି କରିବା ପାଇଁ ଅନୁରୋଧ ଓ ମତାମତକୁ ଗ୍ରହଣ କରି ମଧୁବାବୁ ପେନସନ ଯୋଜନାରେ ୪ ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାମିଲ କରା ଯାଇଛି ବୋଲି ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ସୂଚନା ଦେଇଥିଲେ। ଭତ୍ତା ବଣ୍ଟନ ପାଇଁ ନିୟୋଜିତ ଥିବା ଶିକ୍ଷକ ତପନ କୁମାର ସାହୁ ଓ ବୁଦ୍ଧଦେବ ଜେନାଙ୍କ ସହ ଡିଙ୍ଗାଶୋଳ ଅଙ୍ଗନବାଡ଼ି କର୍ମୀ ସବିତା ପରିଡ଼ା ଓ ଗୋବର୍ଦ୍ଧନପୁର ଅଙ୍ଗନବାଡ଼ି କର୍ମୀ ଯମୁନା ମହାନ୍ତି ସମସ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ ଦଳେଇ, ୱାର୍ଡସଭ୍ୟ ବିଶ୍ୱମ୍ଭର ନାଥ ଉପସ୍ଥିତ ହୋଇ ସହଯୋଗ କରିଥିଲେ। ପରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ଶ୍ରୀ ଜେନା ସମ୍ପତିଆ, ସୁଗୋ, ଆରୁହା, ଗୋପୀମୋହନପୁର, ବର୍ତ୍ତନା, ପଶ୍ଚିମବାର୍ଡ୍, କୋଟସାହି, ରାୟାଁରାମଚନ୍ଦ୍ରପୁର ଓ ନାମ୍ପୋ ପ୍ରଭୃତି ଗ୍ରାମ ପଞ୍ଚାୟତକୁ ଯାଇ ଭତ୍ତା ବଣ୍ଟନ କାର୍ଯ୍ୟ ତଦାରଖ କରିଥିଲେ।

## ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ



ଜଳେଶ୍ୱର ବ୍ଲକ, ୨୪।୨ (ସମିସ) : ଜଳେଶ୍ୱର ବ୍ଲକର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ ହାଟିଗର୍ଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ହାଟିଗର୍ଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜକ ଫକିର ମୋହନ ପ୍ରଧାନ ଏବଂ ଜଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମୋହନ ଲାଲ ମହାନ୍ତିଙ୍କ ଦ୍ୱାରା ଲକ୍ଷ୍ମଣ ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ମୁଣ୍ଡତୁଣିଆ, ନଚ୍ଛିମପୁର ଉଚ୍ଚ ବିଦ୍ୟାଳୟ ଏବଂ ଗୋବରଘାଟା ଉଚ୍ଚ ବିଦ୍ୟାଳୟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଡାକ୍ତର ମୋହନ ଲାଲ ମହାନ୍ତି ତମାଖୁଜନିତ ରୋଗ ଯଥା - ମୁଖ ଗହ୍ୱର କର୍କଟ, ଫୁସ୍‌ଫୁସ୍ କର୍କଟ, ଯକୃତ୍ କର୍କଟ, ଶ୍ୱାସ ରୋଗ, ମଧୁମେହ ରୋଗ ଓ ଉଚ୍ଚ ରକ୍ତଚାପ ଆଦି ବିଭିନ୍ନ ପ୍ରକାର ରୋଗ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଶେଷରେ ବିଦ୍ୟାଳୟ ଗୁଡ଼ିକ ତମାଖୁ ମୁକ୍ତ ବିଦ୍ୟାଳୟ ଭାବେ ଘୋଷଣା କରାଯାଇ ସାର୍ଟିଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ବଡ଼ସିମୁଳିଆ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାଲିଆପାଳ, ୨୪।୨(ସମିସ) : ବିଦ୍ୟା ହିଁ ଜଣେ ଛାତ୍ରକୁ ବିନୟୀ ଓ ସଦାଚାରୀ ହେବାକୁ ଶିକ୍ଷା ଦିଏ। ଚରିତ୍ର ଗଠନ ପାଇଁ ପ୍ରେରଣା ପ୍ରଦାନ କରେ। ଭଲ ମଣିଷ ହେବାକୁ ବାଟ ଦେଖାଏ ବୋଲି ଶନିବାର ବାଲିଆପାଳ ବ୍ଲକ ବଡ ସିମୁଳିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିଚାଳନା କମିଟି ସମ୍ପାଦକ ହରେକୃଷ୍ଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱର ରେବତୀ ପତ୍ରିକାର ସମ୍ପାଦିକା ତଥା ରାଜନେତ୍ରୀ ସୁବାସିନୀ ଜେନା ମୁଖ୍ୟଅତିଥି, ଜାମଶୂଳୀ କଲେଜର ବରିଷ୍ଠ ଅଧ୍ୟାପକ ଶିକ୍ଷାବିତ ଡ. ସୁକାନ୍ତ କୁମାର ଗିରି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ମାତୃପ୍ରାଣ ଲମ୍ବୋଦର ଦେ, ଲକ୍ଷ୍ମଣ କୁମାର ସେନାପତି, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ପାତ୍ର, ରାଜନେତା ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପ୍ରାଣକୃଷ୍ଣ ଜେନା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂରାତନ ଛାତ୍ରୀ ଆର୍ଯ୍ୟସ୍ମୃତି ପାଣିଗ୍ରାହୀଙ୍କୁ ବିଶେଷ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୨୪।୨(ସମିସ) ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ମଇଁଷାମୁଣ୍ଡା ଗ୍ରାମର ସ୍ୱର୍ଗତଃ ଝାଟୁ ସାହୁଙ୍କ ପତ୍ନୀ ସ୍ୱର୍ଗତଃ ଗେହ୍ଲାମଣୀ ସାହୁଙ୍କ ଏକାଦଶାହରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ୨୨ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ୨୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁନିଲ ଜେନା, ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁ ପ୍ରମୁଖଙ୍କ ସହ ଗ୍ରାମବାସୀ, ପରିବାର ବର୍ଗ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ସ୍ୱର୍ଗତଃ ସାହୁଙ୍କ ଏକମାତ୍ର ପୁଅ ସମାଜସେବୀ ଗୋପାଳ ଚନ୍ଦ୍ର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ହେଲ୍ପ ଫର ୟୁ ଫାଉଣ୍ଡେସନର ମହାନତା**

## ମୟୂରଭଞ୍ଜ ଜିଲ୍ଲାର ତିନି ପିଲାଙ୍କୁ ଚିକିତ୍ସା ସହାୟତା



ଜଳେଶ୍ୱର ବ୍ଲକ, ୨୪।୨ (ସମିସ) : ଦୁଃଖ ଏମିତି ବି ଆସେ। ଦୁଃଖ ଯେପରି ଏ ପରିବାରକୁ ବନ୍ଧୁ ବାନ୍ଧି ଦେଇଛି। ସୁଦାମ ଗିରି ତାଙ୍କର ଧର୍ମ ପତ୍ନୀ ଓ ତିନି ସନ୍ତାନଙ୍କୁ ନେଇ ବେଶ ହସ ଖୁସିରେ ପରିବାର ଚାଲିଥିଲା।ହେଲେ ଅଚାନକ ଦୁଃଖର କଳା ବାଦଲର ଛାଇ ଏ ପରିବାରକୁ ଘୋଟି ଆସିଲା। ଧର୍ମ ପତ୍ନୀ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆଖି ବୁଜିଲେ। ଦୁଇ ପୁଅ ଓ ଏକ ମାତ୍ର ଝିଅ ମାଆର ସ୍ନେହ ମମତାରୁ ବଞ୍ଚିତ ହେଲେ। ଦୁଃଖ ଏତିକିରେ ସରି ନ ଥିଲା କିଛି ମାସ ପରେ ଯେଉଁ ପୁଅ, ଝିଅ ମୁହଁକୁ ଚାହିଁ ବାପା ସବୁ ଦୁଃଖ, କଷ୍ଟକୁ ଭୁଲି ଯାଇଥିଲେ ହେଲେ ବଡ଼ ପୁଅ ଅନିଲ କିଛି ମାସ ପରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ି ରହିଛନ୍ତି। ତହିଁ କିଛି ମାସ ପରେ ମଝିଆ ଝିଅ ସୁମିତ୍ରା ମଧ୍ୟ ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ। ତାଙ୍କର ମଧ୍ୟ ଗୋଡ଼, ହାତ ଅକାମୀ ହୋଇ ଯାଇଛି। ଆଉ ସାନ ପୁଅ ସୁନିଲ ଏକମାତ୍ର ବାପାଙ୍କ ର ସାହାରା ଥିଲା ସେ ମଧ୍ୟ ଛଅ ମାସ ହେଲା ପଙ୍ଗୁ ହେବାରେ ଲାଗିଛି। ନା ଠିକରେ ଖାଇ ପାରୁଛନ୍ତି, ନା ଠିକରେ ଚାଲି ପାରୁଛନ୍ତି। ନାଁ ଚିକିତ୍ସା ପାଇଁ ପାଖରେ ଅଛି ଅର୍ଥ। କାରଣ ବାପା ଦୀନ ମଜୁରିଆ। ଗୋଟିଏ ଓଳି ଚୁଲି ଜଳେ ତ ଆଉ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି। ସୂଚନା ଅନୁସାରେ ଘଟଣା ଟି ମୟୂରଭଞ୍ଜ ଜିଲ୍ଲାର ମୁରୁଡା ବ୍ଲକ ଅନ୍ତର୍ଗତ ଗଡ଼ିଆ ପଞ୍ଚାୟତ ର ଭାରବାଡି ଗ୍ରାମର ସୁଦାମ ଗିରିଙ୍କ ପରିବାରରେ। ଏବେ ତିନି ପିଲାଙ୍କୁ ସୁସ୍ଥ କରିବା ପାଇଁ ବାପା ସମସ୍ତ ପାଖରେ ଗୁହାରି ଜଣାଇ ନିରାଶ ହୋଇଛନ୍ତି। ଶେଷରେ ଗ୍ରାମବାସୀ ଜଳେଶ୍ୱର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନର ସଭାପତି ମାନସ ରଞ୍ଜନ ଧଳଙ୍କୁ ଅବଗତ କରାଇଥିଲେ। ସଙ୍ଗଠନ ର ସମସ୍ତ ମେମ୍ବର ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ ତିନି ପିଲାଙ୍କର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦଶ ହଜାର, ପରିବାରକୁ ନୂତନ ବସ୍ତ୍ର, ରେସନ ସାମଗ୍ରୀ, ପନିପରିବା, ମୁଢ଼ି, ଚାଉଳ ପ୍ରଦାନ କରିବା ସହିତ ବଡ଼ ପୁଅଙ୍କ ର ଏକ ମାତ୍ର କୁନି ପୁଅଙ୍କୁ ପାଠ୍ୟ ସାମଗ୍ରୀ ମଧ୍ୟ ସଂଗଠନ ତରଫରୁ ପ୍ରଦାନ କରାଯାଇଛି।

## କୁଷ୍ଠରୋଗ ସଚେତନତା ଶିବିର



ଜଳେଶ୍ୱର ବ୍ଲକ, ୨୪।୨ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମପଞ୍ଚାୟତ ଅଧୀନ ବଙ୍ଗା ଆଦିବାସୀ ସାହିରେ କୁଷ୍ଠରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଜମାଳପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଡାକ୍ତର ପ୍ରଦୀପ କୁମାର ଦତ୍ତ ଉପସ୍ଥିତ ହୋଇ କୁଷ୍ଠରୋଗ ନିରାକରଣ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡାକ୍ତର ଦତ୍ତଙ୍କ ସହ ଲାବୋରଟେରୀ ଟେକ୍ନିସିୟାନ ଭବ ଶଙ୍କର ପାତ୍ର, ଅଙ୍ଗନବାଡ଼ି କର୍ମୀ ସବିତା ପରିଡ଼ା ଓ ରୁନୁ ଟୁଡୁ, ଆଶାକର୍ମୀ ଅନୁରାଧା ପ୍ରମାଣିକ ଓ ପୁଷ୍ପଲତା ଦାସ ମହାପାତ୍ର ୱାର୍ଡ଼ ସଭ୍ୟା ତଥା କୋଟସାହି ଗାଁ କଲ୍ୟାଣ ସମିତି ସଭାପତି ଶ୍ରୀମତୀ ନମିତା ଜେନା, ବଙ୍ଗା ୱାର୍ଡ ସଭ୍ୟ ରବୀନ୍ଦ୍ର ଟୁଡୁ, କୋଟସାହି ୱାର୍ଡ଼ ସଭ୍ୟା ଗୀତା ରାଣୀ ଦାସ ମହାପାତ୍ର ଓ ଜି.କେ.ଏସ ସଭ୍ୟ ଜୟନ୍ତ କୁମାର ଦାସ ଓ ପ୍ରମିଳା ମହୁରୀ ଓ ମିନତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ କୋଟସାହି ଗାଁ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଷୟ ଆଲୋଚନା ହୋଇଥିଲା।

## ମନୁନଗର ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦହମୁଣ୍ଡା, ୨୪।୨(ସମିସ): ଭୋଗରାଇ ବ୍ଲକ ମନୁନଗର ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନୋରଞ୍ଜନ ପରିଡ଼ା ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଦୀପ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ ଏବଂ ଅଜିତ ପାଳ ଅତିଥି ପରିଚୟ ପ୍ରଦାନ କରଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ରାମଚନ୍ଦ୍ର ଜେନା, ମୁଖ୍ୟବକ୍ତା ଦହମୁଣ୍ଡା ଆଞ୍ଚଳିକ ସାଧନାକେନ୍ଦ୍ର ପବନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଞ୍ଜୟ ଗିରି, ସରପଞ୍ଚ ଗୀତାରାଣୀ ଜେନା, ବ୍ରଜକିଶୋର ପାଳ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ବେହେରା, ଶିକ୍ଷକ ପ୍ରଦୀପ ଆଚାର୍ଯ୍ୟ, ସୁଧାଂଶୁ ଶେଖର ରଣା, ଅଜିତ ପାଳ, ସୁଖଦା ପାଣିଗ୍ରାହୀ, ଶିକ୍ଷକ ଏସକେ ଆବୁଲ, ଗୀତାରାଣୀ ଦଣ୍ଡପାଟ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ର ବିଭିନ୍ନ ଦିଗ ଉପରେ ଆଲୋଚନା ଏବଂ ବାର୍ଷିକ ଉତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରକାଶ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରାତିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାସ୍ତା କାମ ନ ସାରି ଠିକାଦାର ଛୁ'




ଚନ୍ଦନେଶ୍ୱର, ୨୪।୨(ସମିସ) : ଭୋଗରାଇର ପ୍ରସିଦ୍ଧ ଶୈବପୀଠ ଏବଂ ୫୭ନମ୍ବର ରାଜ୍ୟ ରାଜପଥ ସଂଲଗ୍ନ ଜଗନ୍ନାଥପୁର ଛକଠାରୁ ଏସିଆ ମହାଦେଶର ବୃହତ୍ତମ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ଶୈବପୀଠକୁ ସଂଯୋଗ କରୁଥିବା ରାସ୍ତା ଭାୟା ଫୁଲବଣୀ, ରଣକୋଠା ହୋଇ କୁମ୍ଭୀର ଗଡ଼ି ଯାଏଁ ମୋଟ ୧୩. ୫୪୦କି. ମି ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି। ତେବେ ଫୁଲବଣୀ ପୋଷ୍ଟ ଅଫିସ ନିକଟରେ ୧୫୦ମିଟର ରାସ୍ତା କାର୍ଯ୍ୟ କଣ୍ଟ୍ରାକ୍ଟର ନ କରି ବିଲ୍ ନେଇ ପଳାଇଯିବା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ଅନୁମୋଦିତ ହୋଇ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଜଳେଶ୍ୱର ପାଖରୁ ଏହି ରାସ୍ତାଟିର କାର୍ଯ୍ୟ ଠିକାଦାର ସୁଜୟ କୁମାର କରଣ ହାତକୁ ନେଇଥିଲେ। ଏଥିପାଇଁ ବ୍ୟୟ ଅଟକଳ ୨୦୨୪.୧୬ ଲକ୍ଷ ହୋଇଥିବା ବେଳେ କାର୍ଯ୍ୟ ସମାପ୍ତି ଠାରୁ ୫ବର୍ଷ ରକ୍ଷଣାବେକ୍ଷଣ ପାଇଁ ୮୧.୫୬ ଲକ୍ଷ ରହିଛି। କିନ୍ତୁ ଏହି ୧୩.୫୪୦ କି:ମି: ରାସ୍ତା ମଧ୍ୟରେ ୬.୨୩୦ କି.ମି. କଙ୍କ୍ରିଟ ଥିବା ବେଳେ ୭.୩୦୦ କି.ମି. ପିଚୁରାସ୍ତା ରହିଛି। କଙ୍କ୍ରିଟ ରାସ୍ତା ତିଆରି ପାଇଁ ଦୁଇ ସାଇଡ଼ରେ ବଢ଼ିଥବା ରାସ୍ତାରେ ୧୫୦ ମି. ମି. ପରିମାଣର ବାଲିସ୍ତର ବିଛାଇ ପାଣିଦେବା ପରେ ୧୫୦ ମି. ମି. ମୋଟେଇରେ ମେଟାଲ କଙ୍କ୍ରିଟ କରାଯିବା ପରେ ସମ୍ପୂର୍ଣ୍ଣ ଭାବରେ ୫.୫୦ ମିଟର ଚଉଡା ରାସ୍ତାକୁ ୧୨୦ ଏମ.ଏମ ମଟେଇରେ ପ୍ୟାନେଲ କଂକ୍ରିଟ ହେବା କଥା ସୂଚନା ମିଳିଥିଲା। ପିଚୁରାସ୍ତା ୭.୩୦୦ କି. ମି ପାଇଁ ସବବେସ୍ ୩୦୧୨.୫୮ ଘନମିଟରରେ ପାଣିଦେଇ ରୋଲିଂ କରାଯିବା ପରେ ପଥର ଗୁଣ୍ଡ ବା କ୍ରସର ଗୁଣ୍ଡ ବିଛାଯିବା ପରେ ୨୩୪୧.୬୮ ମି. ମି ଓ ୧୫୦ ମି. ମି ମୋଟେଇରେ ମେଟାଲ ବିଛାଯାଇ ପାଣିଦେଇ ରୋଲିଂ କରାଯିବା ପରେ ପୁଣି ୭.୫ ମି. ମି ମୋଟେଇରେ ମେଟାଲିଂ କରି ପାଣି ଦେଇ ସମତୁଲ କରାଯାଇ ପ୍ରାଇମର ଓ ଶେଷରେ ୨୦ ମିମି ମୋଟେଇରେ ପ୍ରିମିକ୍ସ କାର୍ପେଟ କରାଯିବାର ସୂଚନା ଥିଲେ ମଧ୍ୟ ସେଭଳି କାର୍ଯ୍ୟ ହୋଇନଥିବା ଜଣାଯାଇଛି। ତେଣୁ ସୂଚନା ଅନୁଯାୟୀ ସଠିକ ଭାବରେ ବିଭାଗୀୟ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ତଦାରଖ ନ କରି କଣ୍ଟ୍ରାକ୍ଟର ସହିତ ସଲାସୁତୁରା କରିଥିବା କଥା ସାଧାରଣରେ ଆଲୋଚନା ହେଉଛି। ତଥାପି ଫୁଲବଣୀ ନିକଟରେ ୧୫୦ ମିଟର ରାସ୍ତା ଏବେ ଅସମ୍ପୂର୍ଣ୍ଣ ଖଣିଆ ଖାବରା ହୋଇ ରହିଛି। ସେଥିପାଇଁ ରାସ୍ତାରେ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଜଗନ୍ନାଥପୁରରୁ ଭୂଷଣ୍ଡେଶ୍ୱର ରାସ୍ତା ଉପରେ ବିଭିନ୍ନ ଅଞ୍ଚଳର ପର୍ଯ୍ୟଟକ ନିର୍ଭର କରିଥାଆନ୍ତି। ଏତଦବ୍ୟତୀତ ଶଙ୍ଖାରୀ ହାଟ, ଭୂୟାଁ ସାହି ନାଫରାଇ ହାଟ, ଫୁଲବଣୀ, ରଣକୋଠା ହାଟ, ଆଉସା ଛକ, ଶ୍ରଦ୍ଧାପୁର ହାଟ, ମାଟିକେଞ୍ଚା, କାର୍ତ୍ତନୀୟା ମତ୍ସ୍ୟ ଅବତରଣ କେନ୍ଦ୍ର, ବିଚିତ୍ରପୁର ପ୍ରକୃତି ନିବାସ ଆଦି ସ୍ଥାନକୁ ଯିବାଆସିବା ପାଇଁ ସାଧାରଣ ଲୋକେ ନିର୍ଭର କରିଥାଆନ୍ତି। ତେଣୁ ଅସମ୍ପୂର୍ଣ୍ଣ ୧୫୦ମିଟର କାର୍ଯ୍ୟ ସମାପ୍ତି ହୋଇନଥିବାରୁ ଜନ ଅଶାନ୍ତି ବଢ଼ିବାରେ ଲାଗିଛି।

■ ବେପରୁଆ ଗାଡ଼ି ଚାଳଣା ଯୋଗୁଁ ମୃତ୍ୟୁ ମାମଲା

# ଗାଡ଼ି ଚାଳକଙ୍କୁ ୨ ବର୍ଷ କାରାଦଣ୍ଡ

ଚମ୍ପୁଆ, ୨୪ା୨(ସମିସ): ୨୦୧୮ ମସିହା ବାମେବାରୀ ଥାନା ଅଧୀନରେ ବେପରୁଆ ଗାଡି ଚାଳଣା ଯୋଗୁଁ ଜଣଙ୍କର ମୃତ୍ୟୁ ମାମଲାର ବିଚାର କରି ଆଜି ଚମ୍ପୁଆ ଅତିରିକ୍ତ ଜିଲା ଦ୍ୱରାଜଜ୍ ସରୋଜ କୁମାର ଦାସ ଅଭିଯୁକ୍ତ ବୁଧୁରାମ ମୁଣ୍ଡାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ୬ ମାସ କାରାଦଣ୍ଡରେ ସୁଣାଇଛନ୍ତି। ସୂଚନା ଅନୁସାରେ ୨୦-୭-୨୦୧୮ ମସିହାରେ ବୁଧୁରାମ ମୁଣ୍ଡା ନିଜ କମାଣ୍ଡର ଗାଡି ଓଆର ୧୧ ଏ ୪୭ ୫୨କୁ ନେଇ ବେପାରୁଆ ଭାବେ ଗାଡି ଚାଳଣା କରିବା ସହିତ ମାଳଦା ଆଡୁ ଆସି ଧାତିକା-କୁଟୁଗାଁ ରାସ୍ତା କଡରେ ଥିବା ଫୁଟବଲ ପଡ଼ିଆ ନିକଟରେ ଦମୋଦର ମୁଣ୍ଡା, ତାଙ୍କ ପୁତ୍ର ବଧୂ ଏବଂ ପୁତ୍ର ବଧୂର ଭଉଣୀଙ୍କୁ ଧକ୍କା ଦେଇଥିଲା। ପରେ ୩ ଜଣ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦାମୋଦରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଦାମୋଦରଙ୍କ ଭାଇଙ୍କ ଏତେଲା କ୍ରମେ କେସ ନମ୍ବର ୧୨୨ ରୁଜୁ କରି ଦଫା ୩୦୪, ୨୭୯, ୩୩୭ ଏବଂ ମଟର ଭାଇକେଲ ଆକ୍ଟ ୧୯୬ ଦଫାରେ ମକଦ୍ଦମା ରୁଜୁ କରି ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲେ। ଏହି ମାମଲାରେ ସେସନ କେସ ନମ୍ବର ୬୪/୨୦୧୮ ଓ ୧୪ ଜଣ ପ୍ରତ୍ୟେକ୍ଷଦର୍ଶୀ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି, ପୀଡ଼ିତାମାନଙ୍କ ବୟାନ ଓ ଡାକ୍ତର ରିପୋର୍ଟକୁ ତର୍ଜମା କରି ଦୌରାଜଜ୍ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମକଦ୍ଦମାକୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ପରିଚାଳନା କରିଥିଲେ।

# ଅଙ୍ଗନବାଡ଼ି କର୍ମୀ ପ୍ରଶିକ୍ଷଣ ଶିବିର



ରାମଚନ୍ଦ୍ରପୁର, ୨୪ା୨(ସମିସ): ଘସିପୁରା ବ୍ଲକ ଆସ୍ୱାୟାର୍ ପକ୍ଷରୁ ଆଦର୍ଶ ଅଙ୍ଗନବାଡି ରୂପେ ଚୟନ ହୋଇଥିବା ୨୫ଟି ଅଙ୍ଗନବାଡିର ୧୦୪ଜଣ ଅଙ୍ଗନବାଡ଼ି କର୍ମୀମାନଙ୍କୁ ନେଇ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ବାଳିକା ଛାତ୍ରୀ ନିବାସ ଠାରେ ଏକ ଶିକ୍ଷଣୀୟ ଗୁଣାତ୍ମକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ସିଡିପିଓ ବିନୋଦିନୀ ତ୍ରିପାଠୀ, ଆସ୍ୱାୟାର୍ ବ୍ଲକ ସଂଯୋଜକ ଦିଲ୍ଲୀପ କୁମାର ସେଠୀ ଓ ପ୍ରଶିକ୍ଷକ ସୌରଭ କୁମାର ରାଉତ, ବବୁଲ ସଞ୍ଜୟ ସାହୁ ଯୋଗ ଦେଇ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଏହି ତାଲିମ ଶିବିରର ମୁଖ୍ୟ ଉଦେଶ୍ୟ ହେଉଛି ଅଙ୍ଗନବାଡ଼ି କର୍ମୀମାନେ କିପରି ଶିକ୍ଷଣୀୟ ସାମଗ୍ରୀର ବ୍ୟବହାର କରି ୩ରୁ୬ ବର୍ଷର କୋମଳମତୀ ଶିଶୁମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ କରି ତାଙ୍କ ଉଜ୍ୱଳ ଭବିଷ୍ୟତର ସାରଥୀ ହେବେ। ଏହି ତାଲିମ ଶିବିରରେ ସମସ୍ତ ସିଏଫ୍, ଏଲଏଫ, ଜିପିସିଏମ୍ ଏବଂ ଆସ୍ୱାୟାରର ମିଡ଼ିଆ ଟିମ ଦିଲ୍ଲୀପ କୁମାର ଜେନା ଓ ସନ୍ତୋଷ କୁମାର ମଳିକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସର୍ବଶେଷରେ ସମସ୍ତ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଆସ୍ୱାୟାର୍ ତରଫରୁ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯାଇଥିଲା।

# ନେହରୁ ଯୁବକେନ୍ଦ୍ର ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ




ରାମଚନ୍ଦ୍ରପୁର, ୨୪ା୨(ସମିସ): ନେହେରୁ ଯୁବକେନ୍ଦ୍ର କେନ୍ଦୁଝର ପକ୍ଷରୁ ସ୍ମାର୍ଟ କୁଇନ କ୍ଲବ ସହଯୋଗରେ ସ୍ଥାନୀୟ ଜଳସୁଆଁ ଗ୍ରାମରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ନିବେଦୀତା ଜେନା, ମଧୁସ୍ମିତା ଜେନା, ମମତା ସାହୁ, ରୋଜାଲିନ ସାହୁ, କେତକୀ ସାହୁ, ମୀନତୀ ସାହୁ, ସାବିତ୍ରୀ ସାହୁ, ଉର୍ବଶୀ ଜେନା, ବିଜୟଲକ୍ଷ୍ମୀ ଜେନା, ସୁରତୀ ସାହୁ, ରୋଜୀ କୁଅଁର ପ୍ରମୁଖ ସାମିଲ ହୋଇ ଗ୍ରାମର ପ୍ରତ୍ୟେକ ଘରକୁ ଘର ବୁଲି ନିଜର ମତଦାନ ସୁନିଶ୍ଚିନ୍ତ କରିବାକୁ ଭୋଟରମାନଙ୍କୁ ପ୍ରବର୍ତ୍ତାଇବା ସହ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ନିଜର ମତଦାନ ଅଧିକାରକୁ ସାବ୍ୟସ୍ତ କରିବା ଜରୁରୀ ବୋଲି କହିଥିଲେ। ଏଥିରେ ମୁଖ୍ୟତଃ ଯୁବ ଭୋଟର ମାନଙ୍କୁ ବେଶି ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଭୋଟର ସଚେତନତା ଶିବିରରେ ଗ୍ରାମର ଅନେକ ମିଶନଶକ୍ତି ମହିଳା ସାମିଲ ହୋଇ ସକ୍ରିୟ ସହଯୋଗର ହାତ ବଢ଼ାଇଥିଲେ।

# ଘରକୁ ମିଳୁନି; ରାସ୍ତାରେ ଭାସୁଛି ପିଇବା ପାଣି

ଆନନ୍ଦପୁର, ୨୪ା୨(ସମିସ)



ସହରାଞ୍ଚଳରେ ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବସୁଧା ଓ ମେଗା ୱାଟର ସପ୍ଲାଏ ସିଷ୍ଟମ କାର୍ଯ୍ୟକାରୀ କରିଥିବା ବେଳେ ପରିଚାଳନାଗତ ତ୍ରୁଟି ଯୋଗୁ ଏହି ବ୍ୟବସ୍ଥାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଉପଯୁକ୍ତ ତଦାରଖ ଅଭାବରୁ ପାଇପ୍‌ଗୁଡିକ ବିଭିନ୍ନ ସ୍ଥାନରେ ଫାଟିଯାଇ ପାଣି ରାସ୍ତାରେ ଭାସୁଥିବା ପରିଲକ୍ଷିତ ହୋଇଛି। ଫଳରେ ଘରୋଇ ସଂଯୋଗ ନେଇଥିବା ଉପଭୋକ୍ତାମାନଙ୍କ ଘରେ ପାଣି ପହଞ୍ଚି ପାରୁନଥିବାରୁ ବିଭିନ୍ନ ସାହି ବସ୍ତିରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆନନ୍ଦପୁର ପୌରାଞ୍ଚଳର ୧୩ନଂ. ୱାର୍ଡସ୍ଥିତ ଜଅଁରା-ସୁଡୁସୁଡିଆ ଅଞ୍ଚଳରେ। ଖପରାଖାଇ ଠାରୁ ଜଅଁରା -ସୁଡୁସୁଡିଆ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଛାଯାଇଥିବା ପାଇପ୍ ପ୍ରାୟ ୮ ଗୋଟି ସ୍ଥାନରେ ଫାଟିଯାଇଥିବାରୁ ରାସ୍ତାରେ ପାଣି ଭାସୁଛି। ଜଅଁରା ଗ୍ରାମଦେବତୀ ମନ୍ଦିର, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ, ବୈତରଣୀ ନଦୀର ଫେରୋଦର ରାସ୍ତା ଓ ଜଅଁରା ଛକ ସମେତ ବିଭିନ୍ନ ସ୍ଥାନରେ ଆଜକୁ ପ୍ରାୟ ଦୁଇ ମାସ ହେବ ମେନ୍ ପାଇପ ଫାଟିଯାଇ ଏପରି ସମସ୍ୟା ସୃଷ୍ଟି ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଚିନ୍ତାର କାରଣ ହୋଇଛି। ଏନେଇ ଅଞ୍ଚଳବାସୀ ଓ କେତେକ ଉପଭୋକ୍ତା ଆନନ୍ଦପୁରସ୍ଥିତ ୱାଟକୋ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଜଣେ ହେଲେ ବି କର୍ମଚାରୀ ଏହି ଅଞ୍ଚଳକୁ ତଦାରଖ ପାଇଁ କିମ୍ବା ମରାମତି କରିବା ପାଇଁ ଆସୁନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ଓ ୱାଟକୋ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ଏଦିଗରେ ଆବଶକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ରାଜପଥରେ ପୁଣି ଦୁର୍ଘଟଣା



ବଡ଼ବିଲ, ୨୪ା୨(ସମିସ): ବଡ଼ବିଲ ଥାନା ଭଦ୍ରାସାହି ସ୍ଥିତ ଟଷ୍ଟ ଛକ ନିକଟରେ ଜାତୀୟ ରାଜପଥ ୨୦ରେ ଛିଡା ହୋଇଥିବା ଏକ ହାଇୱାକୁ ଗୁଆଲି ପଟୁ ଆସୁଥିବା ଟ୍ରକ୍ ଧକ୍କା ଦେବାରୁ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉକି ଦୁର୍ଘଟଣା କୁ ଏଡ଼ାଇବା ଓ ସାଧାରଣ ଲୋକ ଯେପରି ପ୍ରଭାବିତ ନ ହେବେ ସେଥିପାଇଁ ଦିନ ବେଳା ବଡ଼ବିଲ ସହର ତଥା ଭଦ୍ରାସାହିଠାରୁ ବଡ଼ବିଲ ପର୍ଯ୍ୟନ୍ତ ସକାଳ ୬ଟା ରୁ ଦିନ ୨ଟା ଓ ୩ଟା ରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ନୋଏଣ୍ଟ୍ରିର ନିୟମ ଥିବା ବେଳେ କିଛି ଅସାଧୁ ସୁରକ୍ଷା କର୍ମୀ ଓ ଦାୟିତ୍ୱରେ ଥିବା ପୁଲିସକୁ ହାତ ଗୁଞ୍ଜା ଦେଇ ଉକ୍ତ ରାସ୍ତାରେ ଦିନ ସାରା ମାଲବାହୀ ଭାରୀଯାନ ଚାଲୁଥିବାର ଜନସାଧାରଣ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ ପାଉଥିବା ଜଣାପଡ଼ିଛି।

# ବିଭିନ୍ନ ଚିକିତ୍ସାଳୟରେ ୬୭୦ କର୍ମଚାରୀ ପଦ ଖାଲି

କେନ୍ଦୁଝର, ୨୪ା୨ (ସମିସ)

କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପୂର୍ବାପେକ୍ଷା ଅନେକ ମାତ୍ରାରେ ବୃଦ୍ଧି ହୋଇଛି। ଜିଲ୍ଲାରେ ଧରଣୀଧର ଭେଷଜ ମହାବିଦ୍ୟାଳୟ ନାମରେ ସରକାରୀ ମେଡିକାଲ କଲେଜ ସ୍ଥାପନା ହୋଇସାରିଛି। ମାତ୍ର ଜିଲ୍ଲାର ବହୁ ଡାକ୍ତରଖାନାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପଦବୀ ଖାଲିପଡ଼ିଥିବାରୁ ସମାସ୍ୟା ସୃଷ୍ଟି ହେଉଛି। ଅବଶ୍ୟ ସରକାର କ୍ରମାନ୍ୱୟରେ ଖାଲିପଦବୀ ଗୁଡିକ ପୂରଣ କରିଚାଲିଛନ୍ତି। ତଥାପି ଖାଲି ପଦବୀ ଯୋଗୁଁ କେତେକ ଡାକ୍ତରଖାନାରେ ରୋଗୀସେବାରେ ବାଧକ ସାଜୁଛି। ସୂଚନା ଅନୁସାରେ କେନ୍ଦୁଝରରେ ୬୭୦ ମଞ୍ଜୁରୀପ୍ରାପ୍ତ ଡାକ୍ତରପଦବୀ ରହିଛି। ସେଥିମଧ୍ୟରୁ ୨୨୦ ପଦବୀରେ ଡାକ୍ତର ରହିଥିବା ବେଳେ ୪୫୦ ଡାକ୍ତର ପଦବୀ ଖାଲିପଡ଼ିଛି। ଜିଲ୍ଲାରେ ମୋଟ ୫୮୭ ଷ୍ଟାଫ ନର୍ସ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୫୧୪ପଦବୀ ପୂରଣ ଥିବାବେଳେ ୭୩ଗୋଟି ଷ୍ଟାପନର୍ସ ପଦବୀ ଖାଲିପଡ଼ିଛି। ଜିଲ୍ଲାର ୧୩୬ ମଞ୍ଜୁରୀପ୍ରାପ୍ତ ଫାର୍ମାଶିଷ୍ଟ ପଦବୀ ରହିଛି। ସେଥିମଧ୍ୟରୁ ୧୦୦ଟିରେ କର୍ମଚାରୀ ରହିଥିବା ବେଳେ ୩୬ ଫାର୍ମାଶିଷ୍ଟ ପଦବୀ ଖାଲି ରହିଛି। ଜିଲ୍ଲାର ୨୪୫ ମଞ୍ଜୁରୀପ୍ରାପ୍ତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀରୁ ୨୩୩ ପଦବୀରେ ପୁରୁଷ ସ୍ୱସ୍ଥ୍ୟକର୍ମୀ ରହିଛନ୍ତି। ଅନ୍ୟ ୧୨ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡ଼ିଛି। ଜିଲ୍ଲାରେ ମହିଳା ସ୍ୱାସ୍ଥ୍ୟକର୍ମୀ ୪୧୯ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେହି ପଦବୀ ମହିଳା ସ୍ୱାସ୍ଥ୍ୟକର୍ମୀ ମଧ୍ୟରୁ ୪୦୧ ପଦବୀରେ କର୍ମୀ ଥିବାବେଳେ ୧୮ ପଦବୀ ଖାଲି ରହିଛି। ଏହା ବ୍ୟତିତ ଜିଲ୍ଲାରେ ୬୭ ଗୋଟି ପୁରୁଷ ସୁପରଭାଇଜର ପଦବୀ ରହିଛି। ସେଥିମଧ୍ୟରୁ ୩୭ ପଦବୀରେ ପୁରଷ ସୁପରଭାଇଜର ଅଛନ୍ତି। ଅନ୍ୟ ୩୦ ଗୋଟି ପୁରୁଷ ସୁପରଭାଇଜର ପଦବୀ ଖାଲି ପଡ଼ିଛି। କେନ୍ଦୁଝର ଜିଲ୍ଲାରେ ୬୨ଟି ମଞ୍ଜୁରିପ୍ରାପ୍ତ ମହିଳା ସୁରଭାଇଜର ପଦବୀ ରହିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଭାବେ ଜଣା ଏଲଟି ମଞ୍ଜୁରୀପ୍ରାପ୍ତ ପଦବୀ ୬୩ ରହିଛି। କିନ୍ତୁ ଜିଲ୍ଲାରେ ୬୩ ଏଲଟି ପଦବୀରୁ ୪୨ ପଦବୀରେ ଏଲଟି କର୍ମଚାରୀ ରହିଥିବାବେଳେ ୨୧ ଏଲଟି ପଦବୀ ଖାଲିପଡ଼ିଛି। ଅନ୍ୟପକ୍ଷରେ ଜିଲ୍ଲାରେ ୨୫ ଗୋଟି ମଞ୍ଜୁରୀପ୍ରାପ୍ତ ରେଡିଓଗ୍ରାଫର ପଦବୀ ରହିଛି। ସେଥି ମଧ୍ୟରୁ ୧୧ ଜଣ ରେଡିଓଗ୍ରାଫର ରହିଥିବାବେଳେ ଆହୁରି ୧୪ ଗୋଟି ରେଡିଓଗ୍ରାଫର ପଦବୀ ଖାଲିପଡ଼ିଥିବା ଜଣାପଡ଼ିଛି।

# କୁଟାରିପୋଶି ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଚଳାଇବାକୁ ଦାବି

ଚମ୍ପୁଆ, ୨୪ା୨(ସମିସ)

ଚମ୍ପୁଆ ବ୍ଲକ ଅଧୀନରେ ଥିବା ଉପାନ୍ତ ପଞ୍ଚାୟତ କୁଟାରିପୋଶିକୁ ଲକ୍ଷ୍ମୀବସ୍ ଚଳାଚଳ କରିବାକୁ ଦାବି ହୋଇଛି। ନିଜ ପଞ୍ଚାୟତରୁ ୫ କିମି ଦୂର ଜାମୁଦାଲାକ ପଞ୍ଚାୟତରେ ଲକ୍ଷ୍ମୀବସ୍ ଚଳଚଳା କରୁଛି। କିନ୍ତୁ ବୈତରଣୀ ନଦୀ ଅପର ପାର୍ଶ୍ୱରେ ଥିବା ଆଦିବାସୀ ବହୁଳ କୁଟାରିପୋଶି ପଞ୍ଚାୟତକୁ ଏହି ସେବା ବର୍ତ୍ତମାନ ସୁଧା ପହଞ୍ଚି ପାରିନାହିଁ। ଫଳରେ ପଞ୍ଚାୟତବାସୀମାନେ ବ୍ଲକ ସଦରକୁ ବସ୍ ଯୋଗେ ଆସିବାକୁ ହେଲେ ଜାମୁଦାଲାକ ପଞ୍ଚାୟତର ମୁଖ୍ୟ ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଜୟରାମ ଚାତାରଙ୍କୁ ପଚାରିବାରୁ କହିଛନ୍ତି ଯେ ଏହି ସେବା ଫଳରେ ପଞ୍ଚାୟତରୁ ଦୈନନ୍ଦିନ ବ୍ଲକ ସଦରକୁ ପଢ଼ିବାକୁ ଯାଉଥିବା ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟ ସେବା ଏବଂ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ ପାଇଁ ଯାତାୟତ କରୁଥିବା ଲୋକମାନେ ହଇରାଣ ହେଉଛନ୍ତି। ଯଦି ଲକ୍ଷ୍ମୀ ବସ ପଞ୍ଚାୟତରେ ଉପଲବ୍ଧ ହୁଅନ୍ତା ତେବେ ପଞ୍ଚାୟତ ବାସୀ ଉପକୃତ ହୁଅନ୍ତେ ବୋଲି ପଞ୍ଚାୟତବାସୀ କହିଛନ୍ତି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁନୁ ହାଁସଦାଙ୍କୁ ପଚାରିବାରୁ କହିଛନ୍ତି ଯେ ଲକ୍ଷ୍ମୀବସ ସେବା ପାଇଁ ଆମେ ରୁଟ୍ ଚାଟ ପଠାଇବା ସହିତ ୨୨ ଗୋଟି ପଞ୍ଚାୟତ ନିମିତ୍ତ ୫ ଗୋଟି ବସ ପ୍ରଦାନ ପାଇଁ ଅନୁରୋଧ କରିଛୁ। ମାତ୍ର ବର୍ତ୍ତମାନ ଆମକୁ ୨ ଗୋଟି ବସ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ସେ କହିଛନ୍ତି।

କୁଶରଞ୍ଜନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଜଗତସିଂହପୁରକୁ ହରାଇ ରାଜଘାଟ ବିଜୟୀ

ଆନନ୍ଦପୁର, ୨୪ା୨(ସମିସ)



ଆନନ୍ଦପୁର ଷ୍ଟାଡିୟମ ପଡ଼ିଆଠାରେ ରାଜ୍ୟସ୍ତରୀୟ କୁଶରଞ୍ଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚରେ ରାଜଘାଟର ରୁଦ୍ରାଂଶ କ୍ଲବ ଓ ଜଗତସିଂହପୁର କ୍ଲବ ମଧ୍ୟରେ ଶେଷାର୍ଦ୍ଧ ପର୍ଯ୍ୟନ୍ତ ଖେଳ ଅମୀମାଂସିତ ରହିଥିଲା। ପରେ ଟାଇବ୍ରେକର ପଦ୍ଧତିରେ ୪-/୩ ଗୋଲରେ ରାଜଘାଟ ରୁଦ୍ରାଂଶ କ୍ଲବ ବିଜୟୀ ହୋଇଛି। ଆନନ୍ଦପୁର କ୍ରୀଡ଼ା ସଂସଦ ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ କ୍ରୀଡ଼ା ସଂସଦ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ସୁଜିତ କୁମାର ପାତ୍ର ଆଲୋକ ଦେହୁରୀ, ସୁଜିତ୍ ରାଜହଂସ ଏବଂ ଏମ୍‌ଏସ ବାଗ ଖେଳକୁ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ରାଜଘାଟର ମୁନା ସିଂ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ସମ୍ମାନିତ ଅତିଥି ସରକାରୀ ଏପିପି ହିମାଦ୍ରୀ ତନୟା ଛାତର, ଏପିପି ଆଶୁତୋଷ ଦାସ ଯୋଗଦେଇଥିଲେ। ଗୋଲକି ଜଜ୍ ଭାବେ ମନୋରଞ୍ଜନ ସିଂ, ରାମଚନ୍ଦ୍ର ସାହୁ ଓ ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳି ଚୟନ ପାଇଁ ପୂର୍ବତନ ଖେଳାଳି ବିନୋଦ ବିହାରୀ ମିଶ୍ର, ଗଗନ ସିଂ ନିର୍ବାହ କରିଥିଲେ। ଖେଳରେ ମୁରଲୀଧର ମିଶ୍ର, ରମେଶ କୁମାର ସିଂ, ଅକ୍ଷୟ ମହାନ୍ତି, ଅଶୋକ ରାଉଳ, ଅଜୟ ସେଠୀ, ହାଡିବନ୍ଧୁ ଖୁଣ୍ଟିଆ, ଆଦିକନ୍ଦ ମହାକୁଡ଼, ବିପିନି ବିହାରୀ ଚକ୍ର ଜ୍ୟୋତିରଞ୍ଜନ ଜେନା, ନରେନ୍ଦ୍ର ସାହୁ ବିରଳା ନାୟକ, ପ୍ରସନ୍ନ ପରିଡ଼ା, ଅଖିଳ ପଟ୍ଟନାୟକ, ଲାଲୁ ଚାନ୍ଦ, ସୁନୟନା ବଳିଆର ସିଂ ପ୍ରମୁଖ ସହଯୋଗ କରିଥିଲେ।

## ଯୋଡ଼ାରେ ଭାଗବତ ସପ୍ତାହ ପାଳିତ

ଯୋଡା, ୨୪ା୨ (ସମିସ): ଯୋଡା ପୌରପାଳିକା ୮ ନମ୍ବର ୱାର୍ଡ ଗଣେଶ ଭବନ ନିକଟରେ ବିଶିଷ୍ଟ ଠିକାଦାର ଶରତ ଚନ୍ଦ୍ର ନାୟକଙ୍କ ଦ୍ୱାରା ୭ ଦିନ ବ୍ୟାପୀ ଭାଗବତ ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରସିଦ୍ଧ ଭାଗବତ କଥାକାର ବାବାଜୀ ଅମୃତାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଭାଗବତ ପାଠ କରାଯାଇଥିଲା। ଭାଗବତ ପାଠର ପ୍ରଥମ ଦିନରେ ଜନସାଧାରଣଙ୍କ ନିମନ୍ତେ ଭାଗବତର ମହତ୍ତ୍ୱ ଓ ପରୀକ୍ଷିତ ରାଜାଙ୍କୁ ବ୍ରହ୍ମାଙ୍କ ଅଭିଶାପ ବିଷୟରେ କଥା ମାଧ୍ୟମରେ ଶ୍ରବଣ କରାଇଥିଲେ। ଦ୍ୱିତୀୟ ଦିନ ତଥା ଅନ୍ୟ ଦିନ ଗୁଡ଼ିକରେ କପିଳ ମୁନି, ଧ୍ରୁବ ଚରିତ୍ର, ଗଜରାଜ ଉଦ୍ଧାର, ପ୍ରହ୍ଲାଦ ହିରଣ୍ୟକଶିପୁ ଚରିତ୍ର, ବଳି ଚରିତ୍ର, ଭଗବାନ ବିଷ୍ଣୁଙ୍କ ବିଭିନ୍ନ ଅବତାର ଓ ତାହାର ପ୍ରାଧାନ୍ୟ, କୃଷ୍ଣ ଜନ୍ମ, ଗୋପ ଲୀଳା, ମଥୁରା ବିଜେ, କଂସ ବଧ, ରୁକ୍ମଣୀ ବିବାହ ପ୍ରଭୃତି କରାଯାଇ ଅଞ୍ଚଳ କୁ ଆଧ୍ୟାତ୍ମିକ ବାତାବରଣ ରେ ଭରି ଦେଇଥିଲେ। ବ୍ୟସ୍ତ ବହୁଳ କର୍ମମୟ ଜୀବନରୁ ସମୟ ବାହାର କରି ଅନେକ ଶ୍ରଦ୍ଧାଳୁ ଶ୍ରୋତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ, ଯୋଡା ପରି ଖଣି ଅଞ୍ଚଳରେ ଭାଗବତ ସପ୍ତାହ କୁ ସ୍ଥାନୀୟ ବାସିନ୍ଦା ମନଭରି ଉପଭୋଗ କରିଥିଲେ।

ଖାଲି ପଡ଼ିଛି ସରପଞ୍ଚ ଚୌକି

# ଦାୟିତ୍ୱ ନେବା ସତ୍ତ୍ୱେ ନାଏବ ସରପଞ୍ଚ ଆସୁନାହାନ୍ତି କାର୍ଯ୍ୟାଳୟ

ଯୋଡା, ୨୪ା୨(ସମିସ)

ଯୋଡା ବ୍ଲକ ଅନ୍ତର୍ଗତ କାରାଖେଣ୍ଡରା ପଞ୍ଚାୟତର ସରପଞ୍ଚ ଚୌକିଟି ଦୀର୍ଘ ୫ମାସରୁ ଉର୍ଦ୍ଧ୍ୱ ହେବ ଖାଲି ପଡ଼ିଥିବା ବେଳେ ସମ୍ପୃକ୍ତ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଠିକାଦାରମାନେ ସେମାନଙ୍କର ଦୀର୍ଘ ଦିନର ପ୍ରାପ୍ୟ ପାଇପାରିନାହାନ୍ତି। ସମଗ୍ର ପଞ୍ଚାୟତରେ ଏକ ଅଚଳାବସ୍ଥା ସୃଷ୍ଟି ହୋଇଛି। ପଞ୍ଚାୟତବାସୀ ବିଭିନ୍ନ ଅସୁବିଧା ନେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ନିରାଶ ହୋଇ ଫେରିବାକୁ ପଡୁଛି। ଏ ନେଇ ଜନସାଧାରଣଙ୍କ ଭିତରେ ଏକ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ସରକାରଙ୍କ ନିୟମ ମୁତାବକ କୌଣସି ପଦବୀ ଖାଲିପଡ଼ିଥିଲେ, ଏହାକୁ ୬ ମାସ ମଧ୍ୟରେ ପୁନଃନିର୍ବାଚନ କରାଇ ପୂରଣ କରିବାର ପ୍ରାବଧାନ ରହିଛି। ତେବେ ଏହାରି ମଧ୍ୟରେ ୫ମାସ ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ପୁନଃ ନିର୍ବାଚନ ପାଇଁ ଅଦ୍ୟାବଧି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗତ ଜାନୁଆରୀ ୨୯ ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ କାରାଖେଣ୍ଡରା ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ବାରିକ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ନିରବ ରହିଛି।

ଏଠାରେ ସୂଚନା ଯୋଗ୍ୟ, କାରାଖେଣ୍ଡରା ସରପଞ୍ଚ ସୁବାସ ସିତାରୀଙ୍କୁ ୪ ସନ୍ତାନ ମାମଲାରେ ଉଚ୍ଚନ୍ୟାୟାଳୟ ଅଯୋଗ୍ୟ ଘୋଷଣା କରି ଜିଲ୍ଲାପାଳଙ୍କୁ ପୁନଃ ନିର୍ବାଚନ



କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତାଙ୍କର ଚିଠି ସଂଖ୍ୟା ୧୧୧୦/ଜିପି(କ), ତା. ୩-୧୦-୨୦୨୩ରେ ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମ୍ପୃକ୍ତ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କରି ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ସୁବୁନି ମୁଣ୍ଡାଙ୍କୁ ଦାୟିତ୍ୱ ଦେଇଥିଲେ। ତେବେ ଦାୟିତ୍ୱ ଗ୍ରହଣ କରିବା ପରେ ସୁବୁନି ମୁଣ୍ଡା ସରପଞ୍ଚ କାର୍ଯ୍ୟାଳୟକୁ ଆଦୌ ଯାଉନଥିବା ବେଳେ ଉକ୍ତ ଚୌକିଟି ଆଜି ପର୍ଯ୍ୟନ୍ତ ଖାଲିପଡ଼ିଛି। ଯୋଡା ବ୍ଲକ କାରାଖେଣ୍ଡରା ପଞ୍ଚାୟତର ସରପଞ୍ଚଙ୍କର ୪ଟି ସନ୍ତାନ ଥିବା ନେଇ ତାଙ୍କର ନିକଟତକମ ପ୍ରତିଦ୍ୱନ୍ଦି କାହ୍ନୁଚରଣ ମୁଣ୍ଡା ଅଭିଯୋଗ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ କାରାଖେଣ୍ଡରା ପଞ୍ଚାୟତରୁ ୧୨ଜଣ ସରପଞ୍ଚ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ସୁବାସ ସିତାରୀ ଓ କାହ୍ନୁଚରଣଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ସେତେବେଳେ କାହ୍ନୁଚରଣ ୧୨ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ସୁବାସ ସିତାରୀ ଉକ୍ତ ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସୁବାସଙ୍କ ୪ଟି ସନ୍ତାନ ଥିବା ଜଣାପଡ଼ିବା ପରେ ଏ ନେଇ କାହ୍ନୁଚରଣ ମୁଣ୍ଡା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ, ହେଲେ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ। ନିର୍ବାଚନ ଫଳାଫଳ ବାହାରିବା ପରେ ସେ ମାତ୍ର ୧୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିବାରୁ ତାଙ୍କ ସପକ୍ଷରେ ପଡ଼ିଥିବା ଅନେକ ଗୁଡିଏ ଭୋଟକୁ ନାକଚ କରିଦିଆଯାଇଥିବା ନେଇ ସେ ପୁନଃ ଗଣତି ନିମନ୍ତେ ଆବେଦନ କରିଥିଲେ। ହେଲେ ନିର୍ବାଚନ ଅଧିକାରୀ ଏହାକୁ ରାଜନୈତିକ ଚାପରେ ଅଣଦେଖା କରିଥିଲେ। ପରେ ଶ୍ରୀ ମୁଣ୍ଡା ଯୋଡା ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ସୂଚନା ଅଧିକାର ଆଇନ ବଳରେ ସୁବାସ ସିତାରୀଙ୍କ ସନ୍ତାନ ସମ୍ପର୍କିତ ତଥ୍ୟ ମାଗିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ରାଜନୈତିକ ତିକ୍ତତା ବୃଦ୍ଧି ପାଇଥିବା। ପରିସ୍ଥିତି ଏପରି ହୋଇଥିଲା ଯେ, ପ୍ରତିଶୋଧ ପରାୟଣ ହୋଇ କାହ୍ନୁଚରଣ ମୁଣ୍ଡାଙ୍କ ୨ ସାନ ଭାଇ ଗଙ୍ଗାରାମ ମୁଣ୍ଡା ଓ ଚନ୍ଦନ ମୁଣ୍ଡାଙ୍କ ଉପରକୁ ସିତାରୀଙ୍କ ଲୋକେ ଗୁଳି ଚାଳନା କରିବା ସହ ଆକ୍ରମଣ ମଧ୍ୟ କରିବାକୁ ପଛାଇନଥିଲେ। ଉଭୟଙ୍କ ପକ୍ଷରୁ ମାମଲା ଥାନାକୁ ଯାଇଥିଲା ଏବଂ ସେମାନେ ଜାମିନରେ ଆସିଥିଲେ। ପରେ ଶ୍ରୀ ମୁଣ୍ଡା ୪ଟି ସନ୍ତାନ ମାମଲାକୁ ନେଇ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ନ୍ୟାୟାଳୟ ଶ୍ରୀ ମୁଣ୍ଡାଙ୍କ ସପକ୍ଷରେ ରାୟ ପ୍ରକାଶ କରି ସିତାରୀଙ୍କୁ ସରପଞ୍ଚ ପଦରୁ ଅଯୋଗ୍ୟ ଘୋଷିତ କରିଥିଲେ। ଏହାରି ଭିତରେ ନିର୍ବାଚନକୁ ୨ ବର୍ଷ ଏବଂ ଏହି ମାମଲା ରଜୁ ପରେ ଦେଢ ବର୍ଷ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପଞ୍ଚାୟତରେ ଏକ ଅଚଳା ଅବସ୍ଥା ଲାଗିରହିଛି। ଅଯୋଗ୍ୟ ଘୋଷିତ ସରପଞ୍ଚ ସୁବାସ ସିତାରୀଙ୍କ ସହିତ ସୁବୁନୀ ମୁଣ୍ଡାଙ୍କ ଉତ୍ତମ ସମ୍ପର୍କ ଥିବାରୁ ସେ ସିତାରୀଙ୍କ ବିରୋଧରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡ଼ିଛି, ଯାହା ଏବେ ପଞ୍ଚାୟତ କାର୍ଯ୍ୟରେ ବାଧକ ହୋଇଛି। ତେଣୁ ଏହି ପଦବୀଟିକୁ ତୁରନ୍ତ ପୂରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ପୋଷ୍ଟମାଷ୍ଟରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାମଚନ୍ଦ୍ରପୁର, ୨୪ା୨(ସମିସ): ଘସିପୁରା ବ୍ଲକ ଖାଳିଆମେଣ୍ଟା ଡାକଘରର ବରିଷ୍ଠ ପୋଷ୍ଟମାଷ୍ଟର ଗୋପୀନାଥ ଜେନା ଦୀର୍ଘ ୪୭ବର୍ଷ ଧରି ଗୋଟିଏ ସ୍ଥାନରେ ଚାକିରି କରିବା ସହ ଆଜି ଅବସର ନେଇଛନ୍ତି। ସେ ଚାକିରି କାଳ ମଧ୍ୟରେ ନିଜ କାର୍ଯ୍ୟକୁ ସଠିକ ଭାବେ ପ୍ରତିପାଦନ କରି ଜଣେ କର୍ତ୍ତବ୍ୟନିଷ୍ଠ ପୋଷ୍ଟମାଷ୍ଟର ଭାବେ ନିଜର ସ୍ୱତନ୍ତ୍ର ପରାଚୟ ସୃଷ୍ଟି କରିପାରିଥିଲେ। ସେଥିପାଇଁ ଡାକ ବିଭାଗ ସହ ଅନେକ ସ୍ଥାନରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଚାକିରିରୁ ଅବସର ପରେ ସେ ଜନହିତକାର କାଯ୍ୟରେ ନିଜକୁ ବ୍ରତି ରଖିବାକୁ ଗୋପୀନାଥ ଜେନା ଉକ୍ତ ସଭାରେ ପ୍ରକାଶ କରିଛନ୍ତି। ଅବସରକାଳିନ ସଭାରେ ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ଜେନା, ସରକାରୀ ଗ୍ରାମୀଣ ଶାଖା ପୋଷ୍ଟ ମାଷ୍ଟର ଆକାଶ କୁମାର ବଳ, ସୌମ୍ୟରଞ୍ଜନ ସାହୁ, ଓଭରସିଅର ସୋମ୍ନୟ ସେଠୀ, ପ୍ରକାଶ ମିଶ୍ର, ରଞ୍ଜନ ପାତ୍ର, ଅଭିନାଶ ଖଣ୍ଡେଇ, ଦେବାଶିଷ ବିଶ୍ୱାଳ, ପ୍ରିୟଙ୍କା ଚକ୍ର, ଜାନକୀ ସେଠୀ, ରଞ୍ଜିତା ସାହୁ, ରତୁପର୍ଣ୍ଣା କୁଅଁର, ଗଗନ ବିହାରୀ ବେଜ ଏବଂ ଅନେକ ଅବସରପ୍ରାପ୍ତ ଡାକ କର୍ମଚାରୀ ସହ ଗ୍ରାମବାସୀଙ୍କ ଉପସ୍ଥିତରେ ଅତିଥି ମାନେ ଉପଢୌକନ ପୁଷ୍ପମାଲ୍ୟ ଦେଇ ଅବସରକାଳୀନ ଶୁଭେଚ୍ଛା ଜଣାଇଥିଲେ। ପରେ ଏକ ଶୋଭାଯାତ୍ରାରେ ଗୋପୀନାଥଙ୍କୁ ଗ୍ରାମ ପରିକ୍ରମା କରାଇ ତାଙ୍କ ବାସଭବନରେ ଛାଡି ଦିଆଯାଇଥିଲା।

